ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୨ ଏପ୍ରିଲ, ୨୦୨୨



### ବିଦ୍ୟୁତ୍ ଆଘାତରେ ରାଜମିସ୍ତ୍ରିଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା ଅଫିସ:** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଂସାର ପଞ୍ଚାୟତ କାଙ୍କଡିଆ ଗାଁରେ ସୋମବାର ଏକ ଅଘଟଣ ଘଟିଛି। ଗାଁର ନେତ୍ରାନନ୍ଦ ସ୍ୱାଇଁଙ୍କ ପୁଅ ଚିତ୍ତରଞ୍ଜନ ରାଜମିସ୍ତ୍ରି କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ପ୍ରାଥମିକ ସୂଚନା ଅନୁଯାୟୀ ଚିତ୍ତରଞ୍ଜନ ନିକଟସ୍ଥ ଏକ ଘରର ବିଦ୍ୟୁତ୍ ମରାମତି କାର୍ଯ୍ୟ କରୁଥିଲେ। ଘର ଉପରେ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ସ୍ଥାନୀୟ ଲୋକ ଚିତ୍ତରଞ୍ଜନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ମଧ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ।

## ସଂକ୍ଷେପରେ

### ସୁନାଚେନ ଛଡ଼ାଇ ମାରଣାସ୍ତ୍ରରେ ଆକ୍ରମଣ: ୨ ଗିରଫ

**ପାରାଦୀପ,୧୧।୪(ସ୍ୱ.ପ୍ର.):** ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବିଜୟଚନ୍ଦ୍ରପୁର ତାରିଣୀଗଡାଠାରେ ରବିବାର ରାତିରେ ଗଣ୍ଡଗୋଳ ଘଟିଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କାହ୍ନୁଚରଣ ଜୁଝାରସିଂ ଓ ପୁଅ ଆଶିଷ କୁମାର। ରବିବାର ରାତିରେ ଉଭୟ ଅଭିଯୁକ୍ତ ଘରପାଖ ଲୋକଙ୍କ ସହ ପାଟିତୁଣ୍ଡ କରିଥିଲେ। ଏଥିରେ ପଡୋଶୀ ଶଶାଙ୍କ ଶତପଥୀ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତ ଦ୍ୱୟ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ସୁନାଚେନ୍ ଛଡ଼ାଇ ନେଇଥିଲେ। ଏନେଇ ଥାନାରେ ମାମଲା (ନଂ. ୧୦୭/୨୨) ରୁଜୁ ହୋଇଛି।

### ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଗୁରୁତର

**ଡେରାବିଶ,୧୧।୪(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଳ ବଜାରରେ ସୋମବାର ଅପରାହ୍ନ ୩ଟାରେ ଏକ ବାଇକ୍ ସହ ଟାଟା ଏସ୍‌ସି ଗାଡ଼ି ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀ ଦୁଇଜଣ ଗୁରୁତର ହୋଇଥିଲେ। ଖବରପାଇ ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ସମେତ କର୍ମଚାରୀ ପହଞ୍ଚି ଅଗ୍ନିଶମ ଗାଡ଼ିରେ ଗୁରୁତର ଦ୍ୱୟଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। କେନ୍ଦ୍ରାପଡ଼ା ଅଭିମୁଖେ ଏକ ବାଇକ୍‌ରେ ରାମନଗର ଅଞ୍ଚଳର ଖଗେଶ୍ୱର ଗିରି ଓ ପିଣ୍ଟୁ ସାହୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ବାଇକ୍‌କୁ ଜବତ କରିଥିବା ବେଳେ ଦୁର୍ଘଟଣା ଘଟାଇ ଟାଟା ଏସ୍‌ସିଟି ପଳାଇ ଯାଇଛି।

### ଯୁବ ସଂସଦର ବାର୍ଷିକୋତ୍ସବ

**ମାର୍ଶାଘାଇ,୧୧।୪(ଡି.ଏନ.ଏ.):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ନଛିପଡା ଗାଁରେ ମାତୃଶକ୍ତି ଯୁବ ସଂସଦର ୩୬ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଅଭିରାମ ବିଶ୍ୱାଳ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରତାପ କୁମାର ମଲ୍ଲିକ, ଗଣେଶ ଚନ୍ଦ୍ର ସାମଲ ଓ ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଂସଦର ସଭାପତି ମାନସ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଯଯାତି ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାକୁ ସାରଦା ପ୍ରସାଦ ମହାନ୍ତି ପରିଚାଳନା କରିଥିଲେ।

### ଶିରଡ଼ି ସାଇଙ୍କ ଚଭାଡ଼ିଯାତ୍ରା

**କୁଜଙ୍ଗ,୧୧।୪(ଡି.ଏନ୍.ଏ.):** କୁଜଙ୍ଗ ସନ୍ତରାସ୍ଥିତ ଶିରିଡି ସାଇ ମନ୍ଦିରରେ ରାମନବମୀ ମହୋତ୍ସବ ଅବସରରେ ମନ୍ଦିରରେ ଭୋର ସମୟରେ ଆଳତି, ମହାସ୍ନାନ, ପାରାୟଣ ଆଦି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଚଭାଡି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶିରିଡି ସାଇଙ୍କ ପ୍ରତିମୂର୍ତ୍ତିରେ ମୁକୁଟ ପିନ୍ଧାଇ ସୁସଜ୍ଜିତ ପାଲିଙ୍କିରେ ବସାଇ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ଶିରଡ଼ିସାଇ ପରିଚାଳନା କମିଟି ସଭାପତି ସନ୍ତୋଷ ଦଳାଇ, ସମ୍ପାଦକ ସୁଶାନ୍ତ ଶେଖର ବିଶ୍ୱାଳ, ସଞ୍ଜୟ ସାମନ୍ତରାୟ, ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ଆଧୁନିକ ଚାକଚକ୍ୟରେ ବଞ୍ଚିରହିଛି ରାମଲୀଳା

**କେନ୍ଦ୍ରାପଡ଼ା ଅଫିସ, ୧୧।୪**

ଲୋକସଂସ୍କୃତି ଓ ପରମ୍ପରା ବଞ୍ଚିରହିଲେ ସମାଜ ସଂସ୍କାରିତ ହେବ। ଏହା ନ ରହିଲେ ଲୋକେ ପଥଚ୍ୟୁତ ହେବେ, ଯାହା ଆଧୁନିକ ସମାଜ ପାଇଁ ଦରକାର। ଆଧୁନିକ ସମାଜର ଚାକଚକ୍ୟ ଭିତରେ ଲୋକକଳା ରାମଲୀଳା ଏବେ ବି ବଞ୍ଚିରହିଛି କେନ୍ଦ୍ରାପଡ଼ା ଜିଲାରେ। ଦୀର୍ଘ ଦୁଇବର୍ଷ ଧରି କରୋନା ସଂକ୍ରମଣ ପାଇଁ ବନ୍ଦ ରହିଥିବା ସଂସ୍କୃତିର ମହାକୁମ୍ଭ ରାମଲୀଳା ଲୋକନାଟ ଜିଲାରେ ରବିବାରଠାରୁ ଆରମ୍ଭ ହୋଇଛି। ଏହି ଲୋକନାଟ ଆଗାମୀ ୨୧ ଦିନ ପର୍ଯ୍ୟନ୍ତ ସହର ଓ ଗ୍ରାମାଞ୍ଚଳରେ ଅନୁଷ୍ଠିତ ହେବ। ଏଥିରେ ଶ୍ରୀରାମଚନ୍ଦ୍ରଙ୍କ ପିତୃଭକ୍ତି, ରାଜ୍ୟ ଶାସନ, ଭ୍ରାତୃପ୍ରେମ ପ୍ରଦର୍ଶିତ ହେବ। ସମ୍ପ୍ରତି ବିଭିନ୍ନ ପର୍ବପର୍ବାଣି, ଉତ୍ସବରେ ରେକର୍ଡ ଡ୍ୟାନ୍ସ ଓ ଅନ୍ୟ ଅତ୍ୟାଧୁନିକ କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ ଏହି ଲୋକନାଟ ଅଦ୍ୟାବଧି କେନ୍ଦ୍ରାପଡ଼ା ଜିଲାରେ ନିଜସ୍ୱ ସାଂସ୍କୃତିକ ବିଭବ ହୋଇ ରହିଛି। ଏହି ଲୋକନାଟ ସମ୍ପର୍କରେ ଓଡ଼ିଶାର ଦେବଦେବୀ ପୁସ୍ତକରେ ଲେଖକ ନରହରି

### ସଂସ୍କୃତିର ମହାକୁମ୍ଭ ଲୋକନାଟ ଜିଲାରେ ୨୧ ଦିନ ଚାଲିବ



ରାମଲୀଳାର ଏକ ଦୃଶ୍ୟରେ କଳାକାରମାନେ।

ଉପାଧ୍ୟାୟ ଲେଖିଛନ୍ତି, ଆଳି ଝୁଲଣ, ଓଳକଣା ମେଳଣ, କେନ୍ଦ୍ରାପଡ଼ା ରାମଲୀଳା ଓ ପୁରୀର ଚନ୍ଦନ ଯାତ ସର୍ବବିଦିତ। ପରମ୍ପରା ଅନୁଯାୟୀ, ଶ୍ରୀବଳଦେବଜୀଉଙ୍କ ମନ୍ଦିର ସମ୍ମୁଖରେ ରାମନବମୀଠାରୁ ରାମଲୀଳା ଆରମ୍ଭ ହୋଇଛି। ଏଥିସହ ସହରର କାକଟ ମଙ୍ଗଳା, ତିନିମୁହାଣୀସ୍ଥିତ ରାମମନ୍ଦିର ସହ ଜିଲାର ବିଭିନ୍ନ ସ୍ଥାନରେ ରାମଲୀଳା ଲୋକନାଟ ଆରମ୍ଭ ହୋଇଛି। ଗବେଷକ ଡ. ସର୍ବେଶ୍ୱର ସେଣ କୁହନ୍ତି, ଗୋଟିଏ କ୍ଷୁଦ୍ର ଅଞ୍ଚଳଭିତ୍ତିକ ଲୋକସଂସ୍କୃତି ବା କଳାର ସ୍ୱତନ୍ତ୍ରତା ସହଜରେ ବାହାରେ ଦୃଷ୍ଟିଗୋଚର ହୁଏନାହିଁ। ନିଜର ସ୍ୱତନ୍ତ୍ରତା ସୀମା ସରହଦ ଡେଇଁଲେ ଏହାର ପ୍ରଭାବ ଅନୁଭୂତ ହୁଏ। ଏହି ଜିଲାର ଭୂମିପୁତ୍ର ବୈଶ ସଦାଶିବ ଏହି ଲୋକନାଟ ଆରମ୍ଭ କରି ନିଜ ପ୍ରତିଭାକୁ ରାଜ୍ୟସାରା ବିଛାଡିଛନ୍ତି। ଏହା ଏବେ ଦେଶ ବିଦେଶରେ ମଧ ପହଞ୍ଚି ସାରିଛି। ପ୍ରାବନ୍ଧିକ ଡ. ବିରଜା ରାଉତରାୟ କହିଛନ୍ତି, ସମୟ ସ୍ରୋତରେ ସବୁ ପାରମ୍ପରିକ କଳା ଏବେ ବିଲୁପ୍ତି ପଥରେ ଅଛି। ଶିଳ୍ପ ଓ ନଗର ସଭ୍ୟତାର ଅଭ୍ୟୁଦୟ ଆମ ଗ୍ରାମୀଣ ଜୀବନବୋଧକୁ ପର୍ଯ୍ୟାପ୍ତ ଭାବେ ପ୍ରଭାବିତ କରିଛି। ଲୋକ ସଂସ୍କୃତି ଲୋପ ହେବା ଆମ ପାଇଁ ଶୁଭ ଲକ୍ଷଣ ନୁହେଁ। ଶିକ୍ଷାବିତ୍ ଅଜୟ କୁମାର ରାଉତ କୁହନ୍ତି, ଏହା କେନ୍ଦ୍ରାପଡ଼ାର ନିଜସ୍ୱ ଲୋକସଂସ୍କୃତି, ଯାହା ଆଜି ଦେଶ ବିଦେଶରେ ଆଦୃତି ଲାଭ କରିଛି। ଏକଦା ରାମଲୀଳା ମଞ୍ଚସ୍ଥ କରି କାକଟ ରାମଲୀଳା ସଂସଦ ସମଗ୍ର ଜିଲାରେ ଆଲୋଡ଼ନ ଖେଳାଇଥିଲା ବୋଲି ଶିକ୍ଷାବିତ୍ ରାଉତ ପ୍ରକାଶ କରିଛନ୍ତି। ସହରର ସାନ୍ତସାହିସ୍ଥିତ ରାମଲୀଳା ଲୋକନାଟରେ ସୀତାଙ୍କ ଅଭିନୟ କରିଥିବା ସାମାଜିକ କର୍ମୀ ଅମରବର ବିଶ୍ୱାଳ କୁହନ୍ତି, ରାମଲୀଳା ଅଭିନୟରେ ପୁରୁଷମାନେ ଅଭିନୟ କରିଥାନ୍ତି। ଦେହରେ ପ୍ରାକୃତିକ ରଙ୍ଗ ବୋଳି କାଠଖଣ୍ଡାରେ ହେଉଥିବା ରାମଲୀଳାର ପରିବର୍ତ୍ତନ ହୋଇଛି। ଲଣ୍ଠନ, ଝାଡ଼ଲାଇଟ, ପେଟ୍ରୋମାକ୍ସ ବଦଳରେ ରଙ୍ଗବେରଙ୍ଗ ଆଖିଝଲସା ପେଣ୍ଡାଲ ଏବେ ପ୍ରସ୍ତୁତ ହେଉଛି। ପୁରୁଷ ବଦଳରେ ମହିଳା ଏବେ ନାରୀ ଚରିତ୍ରରେ ଅବତୀର୍ଣ୍ଣ ହେଉଛନ୍ତି। ଏହାସତ୍ତ୍ୱେ ରାମଲୀଳା ଦେଖିବାକୁ ବହୁ ଦୂରଦୂରାନ୍ତରୁ ଆସି ଚଟ, ଅଖାରେ ବସି ଆଧ୍ୟାତ୍ମିକ ରସ ଆସ୍ୱାଦନ କରୁଥିବା ଦର୍ଶକଙ୍କ ସଂଖ୍ୟା କମିଛି। ରାମଲୀଳାରେ କାକଟ ଗାଁର ସ୍ୱର୍ଗତ ନୃସିଂହ ଚରଣ ସାହୁ (ଚଣ୍ଡିଆ)ଙ୍କ ୩ ପୁରୁଷ ଧରି ଅଭିନୟକୁ ଆଜି ମଧ ସ୍ଥାନୀୟ ଅଞ୍ଚଳରେ ସ୍ମୃତିଚାରଣ କରାଯାଉଛି। ଜିଲା ସଂସ୍କୃତି ଅଧିକାରୀ ସୋନାଲି ବେହେରାଙ୍କୁ ପଚାରିବାରେ ଜିଲାରେ ଥିବା ଲୋକକଳାର ସଂରକ୍ଷଣ ଜରୁରୀ। କଳା ଓ କଳାକାରଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଅବ୍ୟାହତ ରହିଛି ବୋଲି ସେ କହିଛନ୍ତି।

### ମହିମା ଅଲେଖ ଅଖଣ୍ଡ ଧୁନି



**ବିରିଡି,୧୧।୪(ଡି.ଏନ.ଏ)**

ବିରିଡ଼ି ବ୍ଲକ ଅନ୍ତର୍ଗତ ବାରଡିଆ ମହିମା ଟୁଙ୍ଗିରେ ରବିବାର ମହିମା ଅଲେଖ ଅଖଣ୍ଡ ଧୁନିଅନୁଷ୍ଠିତ ହୋଇଯାଇଛି। ମାଗୁଣିବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବିବାର ସନ୍ଧ୍ୟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ସୋମବାର ସକାଳୁ ପୂର୍ଣ୍ଣାହୁତି ହୋଇଥିଲା। ଏଥିରେ ମହିମା ଧର୍ମୀ ସର୍ବେଶ୍ୱର ବାବା, ଭୀମସେନ ବାବା, ସୁଦର୍ଶନ ବାବା, ଗଙ୍ଗାଧର ବାବା, କାହ୍ନୁ ବାବା, ବେଣୁଧର ବାବା ପ୍ରମୁଖ ଯୋଗଦେଇଥିଲେ।

### ବ୍ରାହ୍ମଣୀ କଲେଜର ରାଜନୀତି ବିଜ୍ଞାନ ବିଭାଗ ୱେବିନାର

**ପଟ୍ଟାମୁଣ୍ଡାଇ,୧୧।୪ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୌୟାଅଞ୍ଚଳ ଦାଣ୍ଡିସାହି ବ୍ରାହ୍ମଣୀ କଲେଜ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ଅଜୟ କୁମାର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ୱେବିନାର (ଆଭାଷୀ)ରେ ପ୍ରାଧ୍ୟାପକ ଡ. ଜୟରାମ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜନୀତି ବିଜ୍ଞାନରେ ପଞ୍ଚାୟତର ବ୍ୟବସ୍ଥା ଓ କ୍ଷମତା ବିକେନ୍ଦ୍ରୀକରଣ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ଆବାହକ ରାଜନୀତି ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଏସ.ବି. ସାମଲ ୱେବିନାର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଡ. ଚିନ୍ମୟ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ନଟବର ସୂତାର ଧନ୍ୟବାଦ ଦେଇଥିଲେ।

# ପଲ୍ଲୀରେ ପ୍ରଶାସନ: ୧୧୭୭ ଅଭିଯୋଗ

**ରାଜନଗର/ଆଳି, ୧୧।୪(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲାରେ ଆରମ୍ଭ ହୋଇଥିବା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ରାଜନଗର ବ୍ଲକର ବାଘମାରୀରେ ୪୩୭ ଓ ଆଳିର ଡିମିରିପାଳରେ ୩୦୬, ଡେରାବିଶର ବସୁପୁର ପଞ୍ଚାୟତରେ ୪୩୪ ମିଶି ମୋଟ ୧୧୭୭ଟି ଅଭିଯୋଗ ହୋଇଥିଲା। ରାଜନଗର ବ୍ଲକର ବାଘମାରୀ ପଞ୍ଚାୟତରେ ଜନଶୁଣାଣି ଶିବିରରେ ୪୩୭ ଅଭିଯୋଗର ଶୁଣାଣି କରାଯାଇଛି। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଶିବିର ହୋଇଥିଲା। ଏଥିରେ ତହସିଲରେ ମ୍ୟୁଟେସନ ପାଇଁ ଆବେଦନ କରିଥିବା ପଞ୍ଚାୟତର ୫୧ଜଣଙ୍କୁ ପଟ୍ଟା ଦିଆଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୧୨୩ ରୋଗୀଙ୍କର ଚିକିତ୍ସା କରାଯାଇଛି। ଶିବିରରେ ରାଶନ କାର୍ଡରୁ ନାଁ କଟିଯିବା ଓ ନୂଆ ରାଶନ କାର୍ଡ ଯୋଗାଇ ଦେବାକୁ ଲୋକେ ଅଭିଯୋଗ କରିଥିବାରୁ ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ଏବଂ ବୃଦ୍ଧାବୃଦ୍ଧମାନେ ଭତ୍ତା ପାଇଁ ଆବେଦନ କରିଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଅଧିକ ଆବେଦନ ଆସିଥିଲା। ସୁକନ୍ୟା ସମୃଦ୍ଧି ଯୋଜନାରେ ସଙ୍ଗେ ସଙ୍ଗେ ଆକାଉଣ୍ଟ ଖୋଲି ପାସ୍‌ବୁକ ଦିଆଯାଇଥିଲା। ଏଥିରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ତହସିଲଦାର ଭୋଲାନାଥ ସେଠୀ, ବାଘମାରୀ ସରପଞ୍ଚ ଭବାନୀ ପାତ୍ର, ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ, ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାସ, ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ବାହାଦୂର ଗୁଡ୍ଡୁ, ଜିଆରଏସ୍ ମଙ୍ଗଳ କୁମାର ମାଇତିଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

ଆଳି ବ୍ଲକ ଡିମିରିପାଳ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମକୁ ବିଡିଓ ଦ୍ୱିବେନ୍ଦୁ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ୩୦୬ ଅଭିଯୋଗ ହୋଇଥିଲା। ଶିବିରରେ ଜିଲା ପରିଷଦ ସଭ୍ୟା କନକଲତା ବେହେରା, ତହସିଲଦାର ତପନ ସେନାପତି, ସରପଞ୍ଚ ଶିବ ସେଠୀ, ସମିତିସଭ୍ୟ ଲକ୍ଷ୍ମୀଧର ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଳି ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷା କେଦାରନାଥ ବେହେରା ପରିଚାଳନା କରିଥିଲେ।

ସେହିପରି ଡେରାବିଶ ବ୍ଲକ ଅଧୀନ ବସୁପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏଥିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବିଡିଓ ଗୋପବନ୍ଧୁ ଭୋସଗାର, ତହସିଲଦାର ନମିତା ବାରିକ, ଏବିଡିଓ ଭଞ୍ଜ କିଶୋର ନାୟକ, ସିଡିପିଓ ସ୍ନେହଲତା ସାହୁ ପ୍ରମୁଖ ଅଧିକାରୀ ଶିବିରରେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗକୁ ଗ୍ରହଣ କରିଥିଲେ। ବିଭିନ୍ନ ଯୋଜନାରୁ ବଞ୍ଚିତ ଥିବା ୪୩୪ ଜଣ ହିତାଧିକାରୀ ସେମାନଙ୍କ ନାମ ପଞ୍ଜୀକୃତ କରିବା ସହ ଉପସ୍ଥିତ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଶିବିରରେ ସରପଞ୍ଚ କମଳା ଦାସ, ସମିତିସଭ୍ୟା ନିବେଦିତା ସ୍ୱାଇଁ, ଜୀବିକା ମିଶନ ସଂଯୋଜିକା ରତ୍ନମଞ୍ଜରୀ ବାରିକ, ସହକାରୀ ପ୍ରକଳ୍ପ ଅଧିକାରୀ ସାବିତ୍ରୀ ମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।




ପଲ୍ଲୀରେ ପ୍ରଶାସନରେ ବସୁପୁର ପଞ୍ଚାୟତରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ତ୍ରିଦିନାତ୍ମକ ବାସନ୍ତିକ ଦୁର୍ଗାପୂଜା



ରସୁଲପୁର ଗ୍ରାମସ୍ଥିତ ବାସନ୍ତୀ ଦୁର୍ଗା ପୀଠରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

**ଜଗତ୍‌ସିଂହପୁର ଅଫିସ, ୧୧।୪**

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ରସୁଲପୁର ଗ୍ରାମସ୍ଥିତ ମା'ବାସନ୍ତୀ ଦୁର୍ଗାଙ୍କ ପୀଠରେ ତ୍ରିଦିନାତ୍ମକ ବାସନ୍ତୀ ଦୁର୍ଗା ପୂଜା ଅନୁଷ୍ଠିତ ହୋଇଯାଇଛି। ରସୁଲପୁର ହାଇସ୍କୁଲ ପଡ଼ିଆରେ ମା'ବାସନ୍ତୀ ଦୁର୍ଗା ମଣ୍ଡପରେ ଆୟୋଜିତ ଏହି ବସନ୍ତକାଳୀନ ପୂଜା ରୀତିନୀତି ଅନୁଯାୟୀ ହୋଇଥିଲା। ସପ୍ତମୀ ପୂଜା ପରେ ଅଷ୍ଟମୀ ତିଥିରେ ମା'ଙ୍କ ନିକଟରେ ବ୍ରତ ଓ ରାତିରେ ସନ୍ଧି ପୂଜା ହୋଇଥିଲା। ରାମ ନବମୀ ଦିନ ମା'ଙ୍କ ନିକଟରେ ଯଥାରୀତିରେ ସକାଳୁ ସୂର୍ଯ୍ୟ ପୂଜା, ମଧ୍ୟାହ୍ନ ଆଳତି, ସନ୍ଧ୍ୟା ଆଳତି ଓ ଯଜ୍ଞ ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ଅବସରରେ ପରମ୍ପରା ଅନୁସାରେ କାଳୀକା ନୃତ୍ୟ ପରିବେଷଣ କରାଯାଇଥିଲା। ପରେ କାଠି ଲଉଡି ଖେଳ ମଧ ପରିବେଷିତ ହୋଇଥିଲା। ପୂଜାରେ ସ୍ଥାନୀୟ ଅଞ୍ଚଳର ବହୁ ଲୋକେ ସାମିଲ ହୋଇଥିଲେ। ଏଥିରେ ବିଜୟ ପତି, ଶୁଭେନ୍ଦୁ ମହାନ୍ତି, ମନୋଜ ମହାପାତ୍ର, ଦେବାଶିଷ ମହାନ୍ତି, ବିଘ୍ନେଶ୍ୱର ନାଥ ପ୍ରମୁଖ ସହାୟତା କରିଥିଲେ।

### ଶିକ୍ଷା ସଚେତନତା ରଥ ଶୁଭାରମ୍ଭ

**ନାଉଗାଁ,୧୧।୪(ସ୍ୱ.ପ୍ର)**

କରୋନା କଟକଣା ହଟିବା ପରେ ବିଦ୍ୟାଳୟରେ ଉପସ୍ଥାନ କମ୍ ରହୁଥିବାରୁ ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ ଆନୁକୂଲ୍ୟରେ ସୋମବାର ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ବିଭିନ୍ନ ଗ୍ରାମ ପିଲାଙ୍କ ପାଠପଢ଼ା ନେଇ ସଚେତନତା ସୃଷ୍ଟି କରିବ। ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ଏହି ରଥକୁ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ।

# ଆଜିଠୁ ଖୋଲିବ ଭୋଗ, ଦୀପ ଦୋକାନ

**ରଘୁନାଥପୁର,୧୧।୪(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୁତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଗତ ୧୧ ଦିନ ଧରି ଭୋଗ ଓ ଦୀପ ଦୋକାନ ବନ୍ଦକୁ ନେଇ ଚାଲିଥିବା ଅଚଳାବସ୍ଥାର ଅବସାନ ଘଟିଛି। ମଙ୍ଗଳବାରଠାରୁ ପ୍ରଭୁଙ୍କ ବେଢ଼ା ମଧରେ ଥିବା ଭୋଗ ଓ ଦୀପ ଦୋକାନ ଖୋଲିବ ବୋଲି ଜଣାପଡ଼ିଛି। ଅତିରିକ୍ତ ସହକାରୀ ଦେବତ୍ତୋର ଆୟୁକ୍ତ କଟକଙ୍କ କାର୍ଯ୍ୟାଳୟର,ନୋଟିସ ଅନୁଯାୟୀ, ସର୍ବୋଚ୍ଚ ମୂଲ୍ୟରେ ଆବେଦନ କରିଥିବା ରମେଶ ଚନ୍ଦ୍ର ସାହୁଙ୍କୁ ମାସିକିଆ ହିସାବରେ ଉଭୟ ଦୋକାନ ନିଲାମ ଦିଆଯାଇଛି। ଭୋଗ ଦୋକାନ ପାଇଁ ମାସିକ ୩ ଲକ୍ଷ ୫୦,୮୩୪ ଟଙ୍କା ଓ ଦୀପ ଦୋକାନ ପାଇଁ ୨ ଲକ୍ଷ ୯ ହଜାର ୧୬୬ ଟଙ୍କା ପୈଠ କରିବାକୁ ନିଲାମଧାରୀଙ୍କ ସହ ଚୁକ୍ତି ହୋଇଛି ବୋଲି ଟ୍ରଷ୍ଟବୋର୍ଡ ପକ୍ଷରୁ କୁହାଯାଇଛି।

# ଜବତ ୨୭ ଲକ୍ଷ ଯାଆଁଳ ଭିତରକନିକା ନଦୀରେ ଛଡ଼ାହେଲା

### ବେଆଇନ ଚିଙ୍ଗୁଡ଼ି ଘେରି

**ରାଜନଗର, ୧୧।୪(ଡି.ଏନ.ଏ.)**

ରାଜନଗର ବନ ବିଭାଗ ପକ୍ଷରୁ ବେଆଇନ ଚିଙ୍ଗୁଡ଼ି ଘେରି ଭିତରକନିକା ଅଭୟାରଣ୍ୟ ଅଞ୍ଚଳରୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ପଦକ୍ଷେପ ନିଆଯାଇଛି। ଏହି ଘେରି ନିର୍ମାଣ କରିଥିବା ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଏଫ୍‌ଓ ଯଜ୍ଞଦତ୍ତ ପତି ରେଞ୍ଜ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବେଆଇନ ଭାବେ ନିର୍ମାଣ କରିଥିବା ଘେରିରେ ଚିଙ୍ଗୁଡ଼ି ଯାଆଁଳ ଆନ୍ଧ୍ର ଓ ବ୍ରହ୍ମପୁରରୁ ଆଣି ଛଡା ଯାଉଥିଲା। ରବିବାର ରାତି ପ୍ରାୟ ୨ ଟାରେ ଖୋଳା ନିକଟରେ ୪ଟି ଚିଙ୍ଗୁଡ଼ି ଯାଆଁଳ ବୋଝେଇ ଗାଡ଼ିକୁ ବନ ବିଭାଗ ଟିମ ଅଟକାଇଥିଲା। ଏଥିରେ ଚିଙ୍ଗୁଡ଼ି ଯାଆଁଳ ତାଳଚୁଆ, ହାତିଆଗଣ୍ଡ ଓ ପଟାପାରିଆ ଅଞ୍ଚଳକୁ ଯାଉଥିଲା। କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ୪ଟି ଗାଡ଼ିକୁ ଜବତ କରି କନିକା ରେଞ୍ଜ କାର୍ଯ୍ୟାଳୟକୁ ନେଇଥିଲେ। ଗାଡ଼ିରେ ଥିବା ୧୫ଶହ ପ୍ୟାକେଟ ଚିଙ୍ଗୁଡ଼ି ଯାଆଁଳ ଜବତ କରାଯାଇଥିଲା। ପ୍ରତ୍ୟେକ ପ୍ୟାକେଟରେ ୧୮ଶହ ଲେଖାଏ ଚିଙ୍ଗୁଡ଼ି ଯାଆଁଳ ଥିଲା। ଅର୍ଥାତ୍ ୧୫ ଶହ ପ୍ୟାକେଟରେ ଥିବା ୨୭ ଲକ୍ଷ ଚିଙ୍ଗୁଡ଼ି ଯାଆଁଳକୁ ଜବତ କରାଯାଇ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ନଦୀରେ ଛାଡି ଦିଆଯାଇଛି। ଜବତ ଚିଙ୍ଗୁଡ଼ି ଯାଆଁଳର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଆଗକୁ ଆଉ ଯାଆଁଳ ଭିତରକନିକା ଅଭୟାରଣ୍ୟ ଅଞ୍ଚଳକୁ ନେଇ ଆସିବୁ ନାହିଁ ବୋଲି ୪ଟି ଗାଡିର ଡ୍ରାଇଭର ଲିଖିତ ଭାବେ ଜଣାଇବା ପରେ ଛାଡି ଦିଆଯାଇଛି।

# ୫ ଦଫା ଦାବିରେ କୃଷକ ସୁରକ୍ଷା ମଞ୍ଚର ଗଣଧାରଣା

**ଏରସମା,୧୧।୪(ସ୍ୱ.ପ୍ର.)**

ଏରସମା ତହସିଲ ସମ୍ମୁଖରେ ସୋମବାର ୫ ଦଫା ଦାବି ନେଇ କୁଞ୍ଜକୋଠି ଗ୍ରାମର କୃଷକ ସୁରକ୍ଷା ମଞ୍ଚ ପକ୍ଷରୁ ସେମବାର ଗଣଧାରଣା ଦିଆଯାଇଥିଲା। ସେମାନଙ୍କ ଦାବିଗୁଡ଼ିକ ହେଲା କୁଞ୍ଜକୋଠି ଗ୍ରାମର ଶ୍ମଶାନ ଜମିକୁ ଜବରଦଖଲକାରୀ କବଳରୁ ମୁକ୍ତ କରିବା, ୬ ଏକର ୬୦ ଡିସିମିଲ ଜଙ୍ଗଲ ଜମିକୁ ବିଭାଗକୁ ହସ୍ତାନ୍ତର କରିବା, ସରକାରୀ ଜମିରୁ ଉତ୍ପାଦିତ କାଜୁ ନିଲାମ କରିବା, ଉପଜିଲାପାଳଙ୍କ ମ୍ୟୁଟେଶନ ଅପିଲକୁ କାର୍ଯ୍ୟକାରୀ କରିବା ଓ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବା ଆଦି ଅନ୍ତର୍ଭୁକ୍ତ। ଏ ସମ୍ପର୍କରେ ଆନ୍ଦୋଳନକାରୀମାନେ ଏକ ଦାବିପତ୍ର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କୁ ପ୍ରଦାନ କରିଥିଲେ। ଏହି ଗଣଧାରଣାରେ ଆଇନଜୀବୀ ବାସୁଦେବ ଷଡ଼ଙ୍ଗୀ, କ୍ଷୀରୋଦ ପରିଡା, ବନମାଳୀ ସାମନ୍ତ, ପ୍ରଦୀପ ମଣ୍ଡଳ ଓ ସୀତା ପରିଡା ପ୍ରମୁଖ ସାମିଲ ହୋଇଥିଲେ।




ଧାରଣାରେ ବସିଥିବା କୃଷକ ମଞ୍ଚର କର୍ମକର୍ତ୍ତାମାନେ ।

# ବିନା ସରକାରୀ କୋଠାରେ ମାଳମାଳ ଅଙ୍ଗନୱାଡ଼ି କେନ୍ଦ୍ର

### ପ୍ରହସନ ପାଲଟିଛି ଶିଶୁ ବିକାଶ ଯୋଜନା

- ସରକାରୀ ରେକର୍ଡରେ ୮୪ କେନ୍ଦ୍ର ଚାଲିଛି
- ମଧୁବନ ନୂଆବଜାର, ପୋର୍ଟ ଟାଉନଶିପରେ ୨୦ଟି ଖୋଲିଛି

**ପାରାଦୀପ,୧୧।୪(ସ୍ୱ.ପ୍ର.)**

ରାଜ୍ୟର ଅର୍ଥନୈତିକ ମୁଖଶାଳା କୁହାଯାଉଥିବା ପାରାଦୀପ ପୌରାଞ୍ଚଳରେ ଶିଶୁ ବିକାଶ ଯୋଜନା ପ୍ରହସନ ପାଲଟିଛି। ୨୦୧୧ରୁ ପୌରାଞ୍ଚଳରେ ସରକାରୀ ଭାବେ ୮୪ କେନ୍ଦ୍ର ଚାଲିଛି। କିନ୍ତୁ ଗୋଟିଏବି ସରକାରୀ କୋଠା ଥିବା ଅଙ୍ଗନୱାଡ଼ି କେନ୍ଦ୍ର କେଉଁଠି ଦେଖିବାକୁ ମିଳିନାହିଁ। ଏସବୁ କେନ୍ଦ୍ର ପାଇଁ କର୍ମୀ ଓ ସହାୟିକା ନିଯୁକ୍ତି ପାଇଛନ୍ତି। ପ୍ରତି ମାସରେ ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ପୋଷାକ, ଖେଳନା, ଜୋତା, ବହି, ଖାତା ଆଦି ବାବଦରେ ସରକାରୀ ତହବିଲରୁ ଖର୍ଚ୍ଚ ହେଉଛି। ରାଜ୍ୟ ସରକାର ଗତମାସ ୨୮ରୁ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବେ ବୋଲି ଘୋଷଣା କରିଥିଲେ। ମାତ୍ର ପାରାଦୀପରେ ସୋମବାର ସୁଦ୍ଧା କେଉଁଠି କେନ୍ଦ୍ର ଚାଲୁ ନ ଥିବା ଦେଖିବାକୁ ମିଳିଛି।

ଏହି ପୌରାଞ୍ଚଳରେ ୨୦୧୧ ପର୍ଯ୍ୟନ୍ତ ୧୭ଟି ବାଲ୍ ବାଡି କେନ୍ଦ୍ର ଥିଲା। ସେତେବେଳେ ବାଲ୍ ବାଡି କର୍ମୀ ନିଯୁକ୍ତିକୁ ନେଇ ବିବାଦ ଉପୁଜିଥିଲା। ପରେ ତତ୍କାଳୀନ ଜିଲା ପ୍ରଶାସନ ବାଲ୍ ବାଡି କେନ୍ଦ୍ର ବନ୍ଦ କରି ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା ପାଇଁ ଘୋଷଣା କରିଥିଲେ। ଏହି ପୌରାଞ୍ଚଳର ୧୯ ଟି ୱାର୍ଡରେ ୯୪ ଟି ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେବେଠାରୁ ଏପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ୮୪ କେନ୍ଦ୍ର ଖୋଲି ସାରିଲାଣି। କିନ୍ତୁ କୌଣସି ୱାର୍ଡରେ ସରକାରୀ କୋଠା ହୋଇନାହିଁ। ୱାର୍ଡର ବସ୍ତିରେ ଥିବା କର୍ମୀଙ୍କ ଚାଳଘରକୁ କେନ୍ଦ୍ର ବୋଲି ଦର୍ଶାଯାଇଛି। ସେହି ଘରେ ପିଲାଙ୍କ ପଢ଼ିବା ଓ ବସିବା ପାଇଁ ବ୍ୟବସ୍ଥା କରାଯାଇଛି।



ପାରାଦୀପର ଏକ କେନ୍ଦ୍ରରେ ପିଲାଙ୍କ ସହ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା।

ପାରାଦୀପରେ ଷଣ୍ଢକୁଦ ଓ ଅଠରବାଙ୍କି ଲକପଡା ବସ୍ତିରେ ହାତ ଗଣତି ଅଙ୍ଗନୱାଡ଼ିକର୍ମୀଙ୍କ ଘରେ ସ୍ୱଳ୍ପ ସଂଖ୍ୟକ ପିଲା ପଢୁଥିବା ବେଳେ ଅନ୍ୟ କୌଣସି ଜାଗାରେ ଏହାର ଦୃଷ୍ଟାନ୍ତ ମିଳିନାହିଁ। ମଧୁବନ ନୂଆବଜାର ଓ ପୋର୍ଟ ଟାଉନଶିପରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯିବା ଭଳି କୌଣସି ପିଲା ନାହାନ୍ତି। କିନ୍ତୁ ଏହି ଦୁଇଟି ବଡ କଲୋନୀରେ ପାଖାପାଖି ୨୦ କେନ୍ଦ୍ର ରହିଛି। ନୂଆବଜାର ହରିବୋଲିଆ ମଠ ପାଖରେ ମାତ୍ର ୧୦୦ ମିଟର ବ୍ୟବଧାନରେ ୨ଟି ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଛି ବୋଲି ସରକାରୀ ରେକର୍ଡରେ ଦର୍ଶାଯାଇଛି। କିନ୍ତୁ କେବେ ଉକ୍ତ କେନ୍ଦ୍ରକୁ ଶିଶୁ ଯିବା ଦେଖିବାକୁ ମିଳିନାହିଁ।

ମାତ୍ର ଏସବୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଅନେକ ସରକାରୀ ଅର୍ଥ ଆସିଥାଏ। ପ୍ରତି ପିଲାଙ୍କ ଖାଇବା ପାଇଁ ୭ ଟଙ୍କା ୪୦ ପଇସା, ଅଲଗା ଭାବେ ପୋଷାକ, ଜୋତା, ଖେଳଣା, ଛତୁଆ ଆଦି ଆସିଥାଏ। ଉକ୍ତ ଅର୍ଥ କାରବାର ପାଇଁ ଯୁଗ୍ମ ବ୍ୟାଙ୍କ ଆକାଉଣ୍ଟ ଦରକାର। ଅଙ୍ଗନୱାଡ଼ି କର୍ମୀ ଓ ସ୍ଥାନୀୟ କାଉନସିଲର ଏହି ଆକାଉଣ୍ଟରେ ଦସ୍ତଖତ କରି ଅର୍ଥ ଉଠାଣ କରିଥାନ୍ତି। ଏମିତିକିଛି ୱାର୍ଡ କାଉନସିଲର ଦସ୍ତଖତ କଲାବେଳେ କିଛି ଅର୍ଥ ନେଇଥାନ୍ତି ବୋଲି ଅଭିଯୋଗ ହୁଏ। ପାରାଦୀପରେ ଅଙ୍ଗନୱାଡ଼ି କେନ୍ଦ୍ର କୋଠା ନ ହେବା ଓ ନ ଚାଲିବା ପ୍ରସଙ୍ଗରେ ସିଡିପିଓ ତନୁପ୍ରଭା ବେଉରା କୁହନ୍ତି, ପାରାଦୀପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱୈତ ଶାସନ ଚାଲୁଥିବାରୁ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଗୃହ ନିର୍ମାଣ କରିବାରେ ବାଧା ଉପୁଜିଛି। ଯେଉଁଠାରେ ଅଙ୍ଗନୱାଡ଼ି କର୍ମୀମାନେ କେନ୍ଦ୍ର ପରିଚାଳନା କରୁଛନ୍ତି, ସେଠାରେ ପିଲା ପାଠ ପଢୁଥିବା ନେଇ ରିପୋର୍ଟ ଆସୁଛି।

## ସଂକ୍ଷେପରେ

### ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ

**ଚଣ୍ଡିଖୋଲ,୧୧।୪(ଡି.ଏନ.ଏ.):** ବଡ଼ଚଣା ଥାନା ଅନ୍ତର୍ଗତ ଦର୍ପଣ-ବଡ଼ଚଣା ପୂର୍ତ୍ତବିଭାଗ ରାସ୍ତାର ଚଣ୍ଡିଖୋଲ ଡ଼ାକବଙ୍ଗଳା ନିକଟରେ ରବିବାର ସନ୍ଧ୍ୟାରେ ଏକ ହାଇୱା ଧକ୍କାରେ ବାଇକ୍‌ରେ ଯାଉଥିବା ୨ ଯୁବକ ଗୁରୁତର ହୋଇଥିଲେ। ସୋମବାର ସକାଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜେନାପୁର ଥାନା ଅନ୍ତର୍ଗତ ତୁରଙ୍ଗ ଗ୍ରାମର ବଳରାମ ଖୁଣ୍ଟିଆ (୧୯)। ସାଙ୍ଗଙ୍କ ସହିତ ବଳରାମ ଚଣ୍ଡିଖୋଲ ଆସିଥିଲେ। ସେମାନେ ଘରକୁ ଫେରିବା ବେଳେ ଚଣ୍ଡିଖୋଲ ଡ଼ାକବଙ୍ଗଳା ନିକଟରେ ଏକ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ବଳରାମଙ୍କ ମୃତ୍ୟୁ ଘଟିଛି।

### ବ୍ରାହ୍ମଣୀପାଳ ଦଳ ଚାମ୍ପିୟାନ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**କାଳିଆପାଣି,୧୧।୪(ଡି.ଏନ.ଏ.):** ବ୍ରାହ୍ମଣୀପାଳ ଟାଟାଷ୍ଟିଲ ଖେଳ ପଡ଼ିଆରେ ରବିବାର ଦିନିକିଆ ଦିବାରାତ୍ରି ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ମ୍ୟାଚ୍ ନକ୍ ଆଉଟ ନିୟମରେ ଖେଳାଯାଇଥିଲା। ପ୍ରଥମ ସେମି ଫାଇନାଲରେ ଗୋପୀନାଥପୁର ଦଳ କାଳିଆପାଣି ଦଳକୁ ୨୫-୨୦ ଓ ୨୫-୧୨ ସେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ବ୍ରାହ୍ମଣୀପାଳ ଦଳ ବାବା ଜଟେଶ୍ୱର ଦଳକୁ ୨୫-୨୦ ଓ ୨୫- ୧୫ ସେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ୍ ବ୍ରାହ୍ମଣୀପାଳ ଓ ଗୋପୀନାଥପୁର ଦଳ ମଧରେ ହୋଇଥିଲା। ୨-୧ ସେଟ ଜିତିଥିବା ବ୍ରାହ୍ମଣୀପାଳ ଚଳିତ ବର୍ଷ ଚମ୍ପିୟାନ ହୋଇଥିଲା। ରାଁସୋଳ ପଞ୍ଚାୟତର ସରପଞ୍ଚ ବାସନ୍ତୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ବିଜୟୀ ଦଳକୁ ଟ୍ରଫି ସହ ୮ ହଜାର ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୫ ହଜାର ଅର୍ଥ ପ୍ରଦାନ କରାଯାଇଥିଲା।

### ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ଚଢ଼େଇଧରା,୧୧।୪(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅଧୀନ ଚଢ଼େଇଧରା ଜଗନ୍ନାଥଜୀଉ ମହାବିଦ୍ୟାଳୟ ପକ୍ଷରୁ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ନେଇ ଚାଲିଥିବା ବାଳିକା ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ରାଉତ ଉଦ୍‌ବୋଧନ ଦେଇ ମହିଳାମାନଙ୍କ କ୍ଷେତ୍ରରେ ଆତ୍ମରକ୍ଷା ତାଲିମ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉପସ୍ଥିତ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଅଧାପକ ଅକ୍ଷୟ କୁମାର ସାମଲ, ବିଭୁତି ଭୂଷଣ ନାୟକ, ଶ୍ରୀପଦ ସେବକ ମହାନ୍ତି, କ୍ରୀଡ଼ା ଶିକ୍ଷକ ପ୍ରଦୀପ ସାହୁ, କିରାଣୀ ପ୍ରମୋଦ କୁମାର ରଉତ ସହଯୋଗ କରିଥିଲେ। ଅଧାପକ ପ୍ରଭାତ କୁମାର ଦାସଙ୍କ ନେତୃତ୍ୱରେ ଚାଲିଥିବା ଏହି ଶିବିରରେ ପ୍ରଶିକ୍ଷିକା ଭାବେ ସୁନିତା ଦାସ ଓ ସରସ୍ୱତୀ ପତି ତାଲିମ ଦେଇଥିଲେ।

### ବାସନ୍ତୀ ଦୁର୍ଗା ପୂଜା ଅନୁଷ୍ଠିତ

**ଛତିଆ,୧୧।୪(ଡି.ଏନ.ଏ.):** ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାବା ଅମରେଶ୍ୱର ପୀଠସ୍ଥଳୀ, ଛତିଆ ଦୋଳ ମେଳଣ ପଡିଆରେ ମା'ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ବାବା ଅମରେଶ୍ୱର ଲଉଡ଼ି ଖେଳ ଅନୁଷ୍ଠାନ ତରଫରୁ ଯାଦବଙ୍କ ଏକ ଲଉଡ଼ି ମେଳିକା ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ପାଗା ଥାନା ଅଧୀନ ପଦ୍ମପୁର ଅନୁଷ୍ଠାନ ଏବଂ ଚୌଦ୍ୱାର ଚାଞ୍ଚୁଅ ଅନୁଷ୍ଠାନ ଭଲ ନୃତ୍ୟ ପ୍ରଦର୍ଶନ କରି ସମସ୍ତଙ୍କ ମନଜିଣି ଥିଲେ। ଏଥିରେ ଲଉଡ଼ି ନୃତ୍ୟ ଗୁରୁ ଯଶୋବନ୍ତ ଦାସ, ଧନେଶ୍ୱର ବେହେରା, ବିଜୟ ପରିଡ଼ା ଏବଂ ଭଗବାନ ଦାସଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗୀତ ଗୁରୁ ରଞ୍ଜିତ କୁମାର ଦାସ, ସହଯୋଗୀ ଗୁରୁ ମନୋଜ ବାରିକ,ଆୟୋଜକ ବୁଟୁ ବାରିକ ତଥା ଲେଖିକା ମିନତୀ ବେହେରା ଉପସ୍ଥିତ ଥିଲେ।

### ଦୁର୍ଘଟଣା, ଚାଳକ ଆହତ

**ପାଣିକୋଇଲି,୧୧।୪(ଡି.ଏନ୍.ଏ.):** ପାଣିକୋଇଲି ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ପଥରପଦା ଓ ଷଠିପୁର ନିକଟରେ ଦୁଇଟି ଦୁର୍ଘଟଣା ଘଟିଛି। ପଥରପଦା ନିକଟରେ ଏକ କ୍ଷୀର ବୋଝେଇ ଗାଡ଼ି(ନଂ.ଓଡି୦୫ଏଇ-୧୮୩୦) ଓ ଷଠିପୁର ନିକଟରେ ଏକ ହାଇୱା (ନଂ.ଓଡି୨୨ଏମ-୭୮୦୧) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଉଭୟ ଗାଡ଼ିର ଚାଳକ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ବୃଦ୍ଧା, ବୃଦ୍ଧ, ଦିବ୍ୟାଙ୍ଗଙ୍କୁ ଡିବିଟି ଚିନ୍ତା

■ ଯୋଜନାରୁ ବାଦ୍ ପଡ଼ିପାରନ୍ତି ବହୁ ହିତାଧିକାରୀ
■ କୌଣସି ଅସୁବିଧା ହେବ ନାହିଁ କହିଲେ ଅଧିକାରୀ

**ରସୁଲପୁର,୧୧।୪(ଡି.ଏନ୍.ଏ.)**

ସାମାଜିକ ନିରାପତ୍ତା ଯୋଜନା ଜରିଆରେ ବୃଦ୍ଧା,ବୃଦ୍ଧ, ବିଧବା, ଦିବ୍ୟାଙ୍ଗମାନଙ୍କୁ ପ୍ରତିମାସରେ ଭତ୍ତା ପ୍ରଦାନ କରାଯାଉଛି। ଏଥିପାଇଁ ପ୍ରତି ମାସର ୧୫ତାରିଖକୁ ଜନସେବା ଦିବସ ଭାବେ ଘୋଷଣା କରାଯାଇଛି। ଏହି ଦିବସରେ ଅବା ତା'ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀମାନଙ୍କୁ ୫୦୦ ଓ ୭୦୦ଟଙ୍କା ଲେଖାଏ ଭତ୍ତା ବାବଦ ନଗଦ ଅର୍ଥ ପ୍ରଦାନ କରାଯାଉଛି। ଏହି କ୍ରମରେ ରସୁଲପୁର ବ୍ଲକରେ ରାଜ୍ୟ ସରକାରଙ୍କ ମଧୁବାବୁ ଭତ୍ତା ଯୋଜନା ଜରିଆରେ ୨୮ପଞ୍ଚାୟତର ମୋଟ୍ ୯୧୫୪ଜଣ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଭତ୍ତା ପାଉଛନ୍ତି। ସେହିପରି କେନ୍ଦ୍ର ସରକାରଙ୍କ ଯୋଜନାରେ ଇନ୍ଦିରା ଗାନ୍ଧୀ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୫୭୯୦ଜଣ, ବିଧବା ଭତ୍ତା ଯୋଜନାରେ ୨୦୪୧ଜଣ, ଦିବ୍ୟାଙ୍ଗ ଭତ୍ତା ଯୋଜନାରେ ୪୩୯ଜଣ ହିତାଧିକାରୀ ଉପକୃତ ହେଉଛନ୍ତି। ଏବେ କେନ୍ଦ୍ର ସରକାରଙ୍କ ଭତ୍ତା ଯୋଜନାରେ ସାମିଲ ହିତାଧିକାରୀଙ୍କ ମଧ୍ୟରୁ ଅଧିକାଂଶଙ୍କ ସହାୟତା ରାଶି ବ୍ୟାଙ୍କ ଜମା ଖାତାକୁ ଯାଉଛି । ରାଜ୍ୟ ସରକାରଙ୍କ ଭତ୍ତା ସିଧାସଳଖ ହିତାଧିକାରୀଙ୍କୁ ପଞ୍ଚାୟତରେ ପ୍ରଦାନ କରାଯାଉଛି। ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ହିତାଧିକାରୀଙ୍କ ଜମାଖାତାକୁ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ଜରିଆରେ ଭତ୍ତା ଅର୍ଥ ପ୍ରଦାନ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଆଉ ହିତାଧିକାରୀମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆଉ ଆସିବାକୁ ପଡିବ ନାହିଁ। ପ୍ରତିମାସରେ ହିତାଧିକାରୀଙ୍କ ଜମାଖାତାକୁ ଭତ୍ତା ଅର୍ଥ ପଠାଯିବାର ବ୍ୟବସ୍ଥା କରାଯାଉଛି। ତେବେ ସରକାରଙ୍କ ଏହି ଡିବିଟି ଯୋଜନା ବୃଦ୍ଧା,ବୃଦ୍ଧ, ଦିବ୍ୟାଙ୍ଗମାନଙ୍କୁ ବିଶେଷ କଷ୍ଟ ଦେଉଛି। ଏହି ବର୍ଗର ଅଧିକାଂଶ ହିତାଧିକାରୀଙ୍କ ଜମା ଖାତା ନାହିଁ। ସେମାନଙ୍କ ଟିପର ଛାପ ଟଙ୍କା ଉଠାଣ ମେସିନରେ ଦୃଶ୍ୟମାନ ହେଉନାହିଁ। ସ୍କାନରରେ ଆଖିର ଡୋଳା ଚିହ୍ନଟ ହୋଇପାରୁ ନାହିଁ। ଏହି ବର୍ଗର ହିତାଧିକାରୀଙ୍କ ଆଧାର କାର୍ଡ ଓ ବ୍ୟାଙ୍କ ଜମାଖାତା ଖୋଲା ଯାଇ ପାରୁନାହିଁ। ଫଳରେ ସେମାନେ ଏହି ଯୋଜନାରୁ ବାଦ୍ ପଡିବା ଆଶଙ୍କା ଦେଖାଦେଇଛି। ଏ ନେଇ ସରକାରୀ ନିର୍ଦ୍ଦେଶନାମା ରହିଛି ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି। ତେବେ କୌଣସି ଆଳ ଦେଖାଇ ସାମାଜିକ ନିରାପତ୍ତା ଯୋଜନାରୁ କାହାରିକୁ ବଞ୍ଚିତ କରାଯାଇ ପାରିବ ନାହିଁ। ଯଦି କୌଣସି ବ୍ୟକ୍ତି ଶର୍ଯ୍ୟାଶାୟୀ ଥାଆନ୍ତି ଅବା ଭତ୍ତା ଟଙ୍କା ନେବାକୁ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ୟାଙ୍କକୁ ଯାଇ ନ ପାରନ୍ତି, ସେମାନଙ୍କ ପାଖରେ ସହାୟତା ରାଶି ନିଶ୍ଚିତ କରିବାକୁ ନିୟମ ରହିଛି। ଅନ୍ୟପକ୍ଷେ କେନ୍ଦ୍ରୀୟ ଯୋଜନାରେ ଡିବିଟି ହୋଇଥିବା ହିତାଧିକାରୀଙ୍କ ଜମାଖାତାକୁ ସହାୟତା ରାଶି ଆସିବାରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। କେତେକ ହିତାଧିକାରୀଙ୍କ ଖାତାକୁ ନିର୍ଦ୍ଧାରିତଠାରୁ ଅଧିକ ଟଙ୍କା ଯାଉଛି। ଆଉ କେତେକଙ୍କ ଖାତାକୁ କମ୍ ଟଙ୍କା ଆସୁଥିବା ହିତାଧିକାରୀମାନେ କହିଛନ୍ତି। ଏଭଳି ସ୍ଥିତିରେ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଜମାଖାତାକୁ ଟଙ୍କା ଗଲେ ବହୁତ ଅସୁବିଧା ହେଉଥିବା ଜାଣି ହିତାଧିକାରୀମାନେ ଡିବିଟି ପ୍ରକ୍ରିୟାରେ ସାମିଲ ହେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏହି ଆଳରେ ନିଜ ନାମରେ ଥିବା ଜମାଖାତା, ଆଧାରକାର୍ଡ ଆଦି ପ୍ରଦାନ କରିବାକୁ ପଛଘୁଞ୍ଚା ହେଉଛନ୍ତି।

ଏ ନେଇ ଜିଲା ସାମାଜିକ ନିରାପତ୍ତା ଅଧିକାରୀ ରବୀନ୍ଦ୍ର କୁମାର ବେହେରାଙ୍କୁ ପଚାରିବାରୁ ଡିବିଟି ପ୍ରକ୍ରିୟାକୁ ଏକ ସଫ୍‌ଟୱେୟାର ଜରିଆରେ କାର୍ଯ୍ୟକାରୀ କରାଯାଉଛି। ସେଥିରେ ତ୍ରୁଟି ଯୋଗୁ ଆକାଉଣ୍ଟକୁ ଟଙ୍କା ଯିବାରେ କମ୍ ବେଶୀ ହେଉଛି। ସେ ସବୁ ତ୍ରୁଟିକୁ ସଜାଡି ଦିଆଯିବ। ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ଯାଞ୍ଚ କରି ଭତ୍ତା ବଣ୍ଟନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନଙ୍କ ଜମାଖାତା ନାହିଁ କି ଆଧାର କାର୍ଡ ନାହିଁ, ସେମାନଙ୍କ ପାଇଁ ଏକ ବିକଳ୍ପ ବ୍ୟବସ୍ଥା କରାଯିବ। ଯେଉଁମାନେ ବ୍ୟାଙ୍କକୁ ଟଙ୍କା ଉଠାଣ ପାଇଁ ଯାଇପାରୁ ନାହାଁନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ ଘରେ ବ୍ୟାଙ୍କ ମିତ୍ର ଜରିଆରେ ଟଙ୍କା ପହଁଚାଇବାକୁ ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ନଦୀବନ୍ଧରେ ଗେଟ୍ ଲଗାଇବାକୁ ଯାଇଥିବା କନିଷ୍ଠ ଯନ୍ତ୍ରୀଙ୍କୁ ବିରୋଧ



**ପାଣିକୋଇଲି, ୧୧।୪(ଡି.ଏନ.ଏ.)**

ଚଳିତ ବର୍ଷ କୋରାଇ ବ୍ଲକର ମୂଳାପାଳ ପଞ୍ଚାୟତର ଶାଳବା ଓ ଧନତ୍ରୀ ଦୁଇଟି ନୂଆଘାଟ ନିଲାମ କରାଯାଇଛି । ଶାଳବା ଘାଟ ବର୍ଷେ ତଳୁ ଚାଲୁଥିବା ବେଳେ ଧନତ୍ରୀ ଘାଟ ମାସେ ହେବ ଚାଲିଛି। ବାଲି ଗାଡ଼ି ଭଳି ଭାରିଯାନ ଚଳାଚଳ ଯୋଗୁ ରାସ୍ତା ଓ ନଦୀ ବନ୍ଧରେ ବଡ଼ ଖାଲ ସୃଷ୍ଟି ହୋଇଛି। ତଥାପି ଧନତ୍ରୀ ଘାଟରୁ ନଦୀ ବନ୍ଧରେ ଭାରିଯାନରେ ବାଲି ପରିବହନ କରାଯାଉଛି । ଫଳରେ ରାସ୍ତା ନଷ୍ଟ ହେଉଛି। ଏନେଇ ଜଳସେଚନ ବିଭାଗ ନିକଟରେ ଅଭିଯୋଗ ପରେ ସୋମବାର ବିଭାଗ ପକ୍ଷରୁ ଭାରିଯାନ ଯାତାୟତ ବନ୍ଦ କରିବାକୁ ବ୍ରଜନଗର ବୈତରଣୀ ପୋଲ ନିକଟରେ ଏକ ଗେଟ କରାଯିବାକୁ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଯନ୍ତ୍ରୀ ନାରାୟଣ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗେଟ୍ ଯନ୍ତ୍ରାଂଶ ନେଇ ଗାଡ଼ି ଆସି ପହଞ୍ଚିଥିଲା। ଏହି ଖବର ପାଇ ଗ୍ରାମବାସୀ ଓ ସ୍ଥାନୀୟ ଜନପ୍ରତିନିଧି ସେଠାରେ ପହଞ୍ଚି ଗେଟ୍ ନିର୍ମାଣକୁ ବିରୋଧ କରିଥିଲେ । ଏହାପରେ ଯନ୍ତ୍ରୀ ନାୟକ ଗାଡ଼ି ନେଇ ଫେରିଯାଇଥିଲେ । ଫଳରେ ଭାରିଯାନ ଚଳାଚଳ ବନ୍ଦ କରିବା ଯୋଜନାରେ ରୋକ୍ ଲାଗିଥିଲା । ଏନେଇ ଯନ୍ତ୍ରୀ ନାୟକଙ୍କୁ ପଚାରିବାରେ ବାଲି ଗାଡି ବନ୍ଦ କରିବାର ତାଙ୍କର କୌଣସି ଅଭିପ୍ରାୟ ନାହିଁ, ନଦୀବନ୍ଧର ସୁରକ୍ଷା ପାଇଁ ଗେଟ୍ କରାଯାଉଥିଲା। ଲିଜ୍‌ଧାରୀଙ୍କ ଓଭରଲୋଡ ଗାଡ଼ିବନ୍ଦ, ରାସ୍ତା ଖରାପ ହେଲେ ମରାମତି, ନଦୀବନ୍ଧରେ ଗୋଡି ଫିଲିଂ ଓ ବନ୍ଧର ୨ଶହ ମିଟର ମଧ୍ୟରେ କୌଣସି ଖନନ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ମିଳିବାରୁ ଆମେ ଫେରି ଆସିଲୁ ବୋଲି ସେ କହିଛନ୍ତି।

## ଖଣି ସୁରକ୍ଷା ସପ୍ତାହ ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ବୃନ୍ଦ।

**ଖଣିର ସୁରକ୍ଷା, ମହିଳା କର୍ମଚାରୀଙ୍କ ଯୋଗଦାନ ଉପରେ ଗୁରୁତ୍ୱ**

**କାଳିଆପାଣି,୧୧।୪(ଡି.ଏନ.ଏ.)**

ଖଣି ସୁରକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଜୋନ୍ ଓ ଗ୍ରାନାଇଟ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଖଣି ସୁରକ୍ଷା ସପ୍ତାହ ସୋମବାର ଉଦ୍‌ଘାଟିତ ହୋଇଛି। ସୁକିନ୍ଦା ଟାଟା ମାଇନ୍ସ ଟିଏସ୍ଏମ୍ଏଲ୍ କଲୋନୀସ୍ଥିତ କଟେପୂର୍ତ୍ତି ଅଡିଟୋରିୟମରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଖଣି ସୁରକ୍ଷା ନିର୍ଦ୍ଦେଶକ ତଥା ଖଣି ସୁରକ୍ଷା ସପ୍ତାହର ଅଧ୍ୟକ୍ଷ କ୍ରୀଶେନ୍ଦୁ ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୁରକ୍ଷା ପତାକା ଉତ୍ତୋଳନ ପରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କମ୍ପାନୀର ଶତାଧିକ ପ୍ରତିନିଧିଙ୍କୁ ଶପଥ ପାଠ କରାଯାଇଥିଲା।

ଟିଏସ୍ଏମ୍ଏଲ୍‌ର ମହାପ୍ରବନ୍ଧକ ଇଂ. ସୁଶାନ୍ତ କୁମାର ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଗ୍ରାନାଇଟ ଆସୋସିଏଶନ ଅଫ୍ ଓଡ଼ିଶାର ରାଜ୍ୟ ସମ୍ପାଦକ ରଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ମଣ୍ଡଳ ଖଣି କାର୍ଯ୍ୟରେ ମହିଳା କର୍ମଚାରୀଙ୍କ ଯୋଗଦାନକୁ ପ୍ରଶଂସା କରିଥିବା ବେଳେ ଖଣି ସୁରକ୍ଷା ଉପନିର୍ଦ୍ଦେଶକ ଆଇ ସତ୍ୟନାରାୟଣ, ଖଣି ସୁରକ୍ଷା ସପ୍ତାହ କମିଟିର ସମ୍ପାଦକ ଏସ୍.ଏନ୍. ଝା ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଦିନ ତମାମ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କମ୍ପାନୀର କର୍ମଚାରୀମାନଙ୍କ ମଧ୍ୟରେ ଟ୍ରେଡ଼ ଟେଷ୍ଟ, କୁଇଜ୍, ସୁରକ୍ଷା ସମ୍ବନ୍ଧୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଖଣି ନିଗମ ଦୈତାରୀ ଖଣିର ଆଞ୍ଚଳିକ ପରିଚାଳକ ଇଂ. ସୁବ୍ରତ ମିଶ୍ର, ଇମ୍ପା ଖଣି ଉପ ସଭାପତି ଇଂ. ସୁଧାଂଶୁ ପାଟ୍ନୀ, ବାଲେଶ୍ୱର ଅଲଏଜର ଜିଏମ୍ ଇଂ. ପତିତପାବନ ବାରିକ, ବେଦନ୍ତ ଖଣି ମୁଖ୍ୟ ଇଂ. ମୁଥୁମରୀ ଏମ୍‌ଙ୍କ ସହ ନାଲକୋ, ଆଇଆର ଫେକର ଆଦି ଓଡ଼ିଶାର ୧୮ଟି ଖଣିର ପଦାଧିକାରୀ ଯୋଗ ଦେଇଥିଲେ। ଟିଏସ୍ଏମ୍ଏଲର ପ୍ରଶାସନିକ ଅଧିକାରୀ ସଞ୍ଜୀବ ସାହୁ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସରକାରୀ ଜମି, ନାଳ ଅବରୋଧ

**କୋରେଇ,୧୧।୪(ଡି.ଏନ.ଏ.)**

କୋରେଇ ବ୍ଲକ ତଥା ବ୍ୟାସନଗର ତହସିଲ ଅନ୍ତର୍ଗତ ସାଦକପୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ଥିବା ଆବର୍ଜନା ଜଳ ନିଷ୍କାସନ ନାଳକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଛନ୍ତି । ସେମାନେ ସେହି ନାଳରେ ମାଟି ପକାଇ କେଉଁଠି ପୋତି ପକାଇଛନ୍ତି ତ'ଆଉ କେଉଁଠି ପାଚେରୀ ଉଠାଇ ଅବରୋଧ କରିଛନ୍ତି । ଉକ୍ତ ପଞ୍ଚାୟତର ବାରଦା ୧୦ନଂ. ୱାର୍ଡର ଦଳିତ ସାହି ଓ ସାଦକପୁର ଗ୍ରାମରୁ ଏହି ଅଭିଯୋଗ ଆସିଛି। ତହସିଲଦାର, ବିଡିଓ ଓ କୋରେଇ ଥାନାରେ ଏ ସମ୍ପର୍କରେ ଲୋକେ ଅଭିଯୋଗ କରିଛନ୍ତି। ସାଦକପୁର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିକଟରେ ସରକାରୀ ଜମିରେ ଏକ ନାଳ ରହିଛି। ବର୍ଷା ପାଣି ସେହି ନାଳ ଦେଇ ବାହାରକୁ ଚାଲିଯାଏ । କେତେଜଣ ଖଳ ପ୍ରକୃତି ଲୋକ ମାଟି ପକାଇ ସେହି ନାଳକୁ ପୋତି ଦେଇଛନ୍ତି। ଫଳରେ ପାଣି ନାଳରେ ନ ଯାଇ ସ୍ଥାନୀୟ ବସ୍ତିରେ ପ୍ରବେଶ କରୁଛି। ସେହିପରି କୋରେଇ-ବାରଦା ଆରଡି ରୋଡ଼ର ଦଳିତ ସାହି ନିକଟରେ ପାଣି ଯିବା ପାଇଁ ଦୀର୍ଘଦିନରୁ ଥିବା ଏକ ସରକାରୀ ନାଳକୁ ଅବରୋଧ କରି ପାଚେରୀ ନିର୍ମାଣ କରିଥିବା ଅଭିଯୋଗ ହୋଇଛି । ଫଳରେ ଅଧିକ ବର୍ଷା ହେଲେ ପାଣି ବସ୍ତିକୁ ପ୍ରବେଶ କରୁଥିବା ଲୋକେ କହିଛନ୍ତି।

## ଯାଜପୁରରେ ଶ୍ରୀରାମ ସେବା ସମିତିର ଶୋଭାଯାତ୍ରା



ଶୋଭାଯାତ୍ରାରେ ସାମିଲ ହୋଇଥିବା ସେବା ସମିତିର କର୍ମକର୍ତ୍ତା ଓ ଅନ୍ୟମାନେ।

**ଯାଜପୁର ଟାଉନ,୧୧।୪(ଡି.ଏନ.ଏ.)**

ଯାଜପୁରରେ ଶ୍ରୀରାମ ସେବା ସମିତି ପକ୍ଷରୁ ସୋମବାର ଶ୍ରୀରାମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ସେବା ସମିତିର ଆବାହକ ମୃତ୍ୟୁଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଦେବୀଦ୍ୱାର ମଙ୍ଗଳା ମନ୍ଦିରଠାରୁ ୧ହଜାରରୁ ଊର୍ଦ୍ଧ୍ୱ ଯୁବକ ଜୟ ଶ୍ରୀରାମ ସ୍ଲୋଗାନ୍ ଦେଇ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାକୁ ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ ସମ୍ବୋଧିତ କରିଥିବା ବେଳେ ବିରଜା ସେବାୟତ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉକ୍ତ ଶୋଭାଯାତ୍ରା ବିରଜା ମନ୍ଦିର ବେଢ଼ା ପରିକ୍ରମା କରି ଯୋଡିକୁଅ, ଗରିଆପୁର, ମେଡ଼ିକାଲ ଛକ, ଗାନ୍ଧୀ ଛକ, ବଡ଼ବଜାର ଛକ ଦେଇ ଦେବୀଗଡ଼ାଠାରେ ପହଞ୍ଚିଥିଲା। ସେଠାରେ ଶ୍ରୀରାମଙ୍କ ପ୍ରତିମାକୁ ବିସର୍ଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶ୍ରୀରାମ ସେବା ସମିତିର ସଭାପତି ରଞ୍ଜନ କୁମାର ମହାନ୍ତି, ସମ୍ପାଦକ ବିଜୟ କୁମାର ପାଣି, ଦିଲ୍ଲୀପ କୁମାର ପାଣି ପ୍ରମୁଖ ପରିଚାଳନା କରିଥିଲେ।

## ୭୦ଟନ୍ ଆଇରନ ଜବତ ଘଟଣା, ଜଣେ ଗିରଫ

**ଜେନାପୁର/ଧର୍ମଶାଳା, ୧୧।୪ (ଡି.ଏନ.ଏ.)**

ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଳିତ ମାସ ୭ ତାରିଖରେ ଜେନାପୁର ଥାନା ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତ ଅଧୀନ ନୂଆସାହି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢ଼ାଉ କରି ବିପୁଳ ପରିମାଣର ଚୋରା ଆଇରନ ଜବତ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ଚୋରା ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ । ପୋଲିସ ରବିବାର ବଡ଼ଚଣା ଥାନା ଅଧୀନ ଧାନମଣ୍ଡଳ ଗ୍ରାମର ଏସ୍.କେ.ମାନାନ (୩୮)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ମାନାନ କିଛି ଦିନ ତଳେ ସହଯୋଗୀଙ୍କୁ ନେଇ ଚୋରା ଆଇରନ ବିକ୍ରି କରିଆସୁଥିଲେ । ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ାଉ କରି ୭୦ ଟନରୁ ଊର୍ଦ୍ଧ୍ୱ ଆଇରନ ଜବତ କରିଥିଲା।

## ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସମ୍ମିଳନୀ

**ଯାଜପୁର ରୋଡ,୧୧।୪(ଡି.ଏନ.ଏ.)**

ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ୩୫ତମ ସାମ୍ବିଧାନିକ ସମ୍ମିଳନୀ ସୋମବାର ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ କଲେଜ ପରିଚାଳନା କମିଟିର ସଭାପତି ତଥା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ପ୍ରଦୀପ ବିଶ୍ୱାଳ ଉଦ୍‌ଘାଟକ ଭାବେ ଯୋଗଦେଇ ଶିକ୍ଷକମାନଙ୍କ ଦାବି ଓ କର୍ତ୍ତବ୍ୟବୋଧ ତାଳ ଦେଇ ହେବା ଉଚିତ ବୋଲି କହିଥିଲେ। ସ୍ଥାନୀୟ ବିଧାୟକ ଅଶୋକ ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାରେ ବୈଷମ୍ୟକୁ ନାପସନ୍ଦ କରିଥିଲେ। ବିଶ୍ୱ ଶିକ୍ଷକ ସଂଘର ସଭାପତି ଡ. ଅମିୟ କୁମାର ମହାନ୍ତି ମୁଖ୍ୟବକ୍ତା, ନବନିର୍ବାଚିତ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗିତା ପିଙ୍ଗୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ମାଝି, ଅଧାପକ ଦିଲୀପ କୁମାର ରାଉତ, ରଣଜିତ୍ କୁମାର ପହି, ବିବେକାନନ୍ଦ ଜେନା, ରତ୍ନାକର ସ୍ୱାଇଁ, ଗୁରୁ ପ୍ରସନ୍ନ ସାହୁ, ଅଜୟ ପଣ୍ଡା, ସନାତନ ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦିଲୀପ କୁମାର ବେହେରା, ଗୋଲକ ବିହାରୀ ମହାକୁଡ଼, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ବିକାଶ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

**ଧର୍ମଶାଳା,୧୧।୪(ଡି.ଏନ୍.ଏ.)**

ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସୋମବାର ଧର୍ମଶାଳା ଗସ୍ତରେ ଆସି ଏମ୍‌ଜିଏନ୍‌ଆରଇଜିଏସ୍ କାମର ସମୀକ୍ଷା କରିବା ସହ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଏହି ଅବସରରେ ସେ ପଣ୍ଡୁଆ ପୋଖରୀ ଓ ଜାରକା ଉ.ପ୍ରା. ସ୍କୁଲ ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ସହ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଡିଓ ଅରବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ କାର୍ଯ୍ୟ କରିବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ

**ବାଲିବିଲ ପଞ୍ଚାୟତ ଭତ୍ତା ଦୁର୍ନୀତି**

**ବରୀ,୧୧।୪(ଡି.ଏନ.ଏ.)**

ବାଲିବିଲ ପଞ୍ଚାୟତର ଭତ୍ତା ଦୁର୍ନୀତିର ପର୍ଦ୍ଦାଫାସ୍ ହୋଇଛି। ସୂଚନା ଅନୁଯାୟୀ ଉକ୍ତ ପଞ୍ଚାୟତର ଶତାଧିକ ବ୍ୟକ୍ତି ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଉଥିଲେ । ହେଲେ ସେମାନେ ପ୍ରକୃତ ହିତାଧିକାରୀ ନୁହନ୍ତି । ସେମାନେ ଭତ୍ତା ପାଇବାକୁ ଅନୁପଯୁକ୍ତ ବୋଲି ସୂଚନା ମିଳିଛି। ଉକ୍ତ ବ୍ଲକ୍‌ର ଜଣେ ପ୍ରଧାନଶିକ୍ଷକଙ୍କ ସ୍ତ୍ରୀ, କାଦମ୍ବିନୀପାଳ ମହିଳା ମହାବିଦ୍ୟାଳୟର କର୍ମଚାରୀ, ଜଣେ ସରକାରୀ କର୍ମଚାରୀ, ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ତ୍ରୀଙ୍କ ସମେତ ଶତାଧିକ ପେନସନ୍ ଉପଭୋକ୍ତା ଏହି ସରକାରୀ ସୁବିଧା ହାତେଇଥିବା ବରୀ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏତଦ୍‌ବ୍ୟତୀତ ଯେଉଁ ସରକାରୀ କର୍ମଚାରୀ, ପେନ୍‌ସନ ଉପଭୋକ୍ତାମାନେ ଏହି ସୁବିଧା ହାତେଇଛନ୍ତି ସେମାନେ ପାଇଥିବା ଟଙ୍କାକୁ ଫେରସ୍ତ କରିବାକୁ ପ୍ରଶାସନ ପଦକ୍ଷେପ ନେବ । ଏ ସଂକ୍ରାନ୍ତରେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଶିବାନନ୍ଦ ସ୍ୱାଇଁଙ୍କୁ ପଚାରିବାରେ ସେ କୁହନ୍ତି, ଅଭିଯୋଗ ମିଳିଛି, ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ଯେଉଁମାନେ ଭତ୍ତା ପାଇବାକୁ ଯୋଗ୍ୟ ନୁହନ୍ତି ତାଙ୍କ ନାମ ବାଦ୍ ଦିଆଯିବ । ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯିବ ବୋଲି ସେ କହିଛନ୍ତି।

# କିରୋସିନ ଲିଟର ୭୬ ଟଙ୍କା, ଚିନ୍ତାରେ ଖାଉଟି

■ କିରୋସିନ ନେବାକୁ ଅମଙ୍ଗ ରାଶନ କାର୍ଡଧାରୀ
■ ରିଟେଲରଙ୍କୁ ବାଧ୍ୟ କରୁଛନ୍ତି ପାଇକାରୀ ବିକ୍ରେତା

**ଚଣ୍ଡିଖୋଲ,୧୧।୪(ଡି.ଏନ.ଏ.)**

କେନ୍ଦ୍ର ସରକାର ପେଟ୍ରୋଲିୟମ୍ ଜାତ ଦ୍ରବ୍ୟର ମୂଲ୍ୟ ବଢ଼ାଇ ଚାଲିଛନ୍ତି। ଏହି ମୂଲ୍ୟବୃଦ୍ଧିରୁ କିରୋସିନ୍ ବାଦ୍ ପଡିନାହିଁ। ଗତ ୪ମାସ ମଧ୍ୟରେ କିରୋସିନ୍‌ର ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି। ୨୦୨୨ ଜାନୁୟାରୀରେ କିରୋସିନ ଲିଟର ୫୦ଟଙ୍କା ଥିବା ବେଳେ ତାହା ଧିରେ ଧିରେ ବଢି ଏବେ ୭୬ଟଙ୍କାରେ ପହଞ୍ଚିଲାଣି। ୨୦୨୦ ଏପ୍ରିଲରେ କିରୋସିନର ଲିଟର ପ୍ରତି ମୂଲ୍ୟ ୧୫ଟଙ୍କା ଥିଲା। ଏବେ ୫ଗୁଣା ମୂଲ୍ୟ ବୃଦ୍ଧି ପାଇଛି। ସେଥିପାଇଁ ହିତାଧିକାରୀମାନେ ରାଶନ କାର୍ଡରେ କିରୋସିନ ନେବାକୁ ଅମଙ୍ଗ ହେଉଥିବା ଅଭିଯୋଗ ହୋଇଛି।

ସାଧାରଣତଃ ଗ୍ରାମାଞ୍ଚଳରେ କିରୋସିନର ଅଧିକ ବ୍ୟବହାର ହୋଇଥାଏ। ଯେଉଁମାନଙ୍କ ଘରେ ବିଦ୍ୟୁତ୍ ସଂଯୋଗ ନାହିଁ ସେମାନେ କିରୋସିନ ଉପରେ ନିର୍ଭରଶୀଳ। ଏପରିକି ଆଦିବାସୀପଡ଼ାରେ ଡ଼ିବି ଓ ଲଣ୍ଠନ ଆଲୁଅ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଏହା ସହ ଗ୍ରାମାଞ୍ଚଳରେ ଘନ ଘନ ବିଦ୍ୟୁତ୍ କାଟ୍ ଯୋଗୁ କିରୋସିନ୍‌ର ଆବଶ୍ୟକତା ଅଧିକ ରହିଥାଏ। ଏପରି କି ଯେଉଁମାନେ ଜାଳେଣୀ ଗ୍ୟାସ୍ ସିଲିଣ୍ଡର କିଣିପାରୁ ନାହାଁନ୍ତି ସେମାନେ କିରୋସିନରେ ଷ୍ଟୋଭ ଜଳାଇ ରୋଷେଇ କରିଥାନ୍ତି। ଏବେ କିରୋସିନର ଅତ୍ୟଧିକ ମୂଲ୍ୟ ବୃଦ୍ଧି ଗରିବଙ୍କ ପାଇଁ ମହଙ୍ଗା ମାଡ଼ ସଦୃଶ ହୋଇଛି। କେବଳ ସେତିକି ନୁହେଁ ସରକାରଙ୍କ ତରଫରୁ ପୂର୍ବରୁ ମୁଣ୍ଡପିଛା କିରୋସିନ୍ ୨ଲିଟର ଦିଆଯାଉଥିବା ବେଳେ ଏହା ଏବେ ତାହା କମି ୧ଲିଟର ୩.୪୦ ମିଲିଲିଟର ପ୍ରଦାନ କରିବାକୁ ସ୍ଥିର ହୋଇଯାଇଛି। ସେଥିପାଇଁ ଗ୍ରାମାଞ୍ଚଳରେ ଯୋଗାଣ କରୁଥିବା ସରକାରୀ ରିଟେଲର ଓ ପାଇକାରୀ ବିକ୍ରେତାମାନଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। କିରୋସିନର ମୂଲ୍ୟ ବୃଦ୍ଧି ଯୋଗୁ ହିତାଧିକାରୀମାନେ ନେବେ ନାହିଁ ବୋଲି ରିଟେଲରମାନେ କହୁଛନ୍ତି। ସେଥିପାଇଁ ସେମାନେ ଡ଼ିପୋରୁ କିରୋସିନ ଉଠାଉ ନାହାନ୍ତି। ହେଲେ ଡ଼ିପୋ ମାଲିକମାନେ ଆବଶ୍ୟକ ପରିମାଣର କିରୋସିନ ଉଠାଇବାକୁ ରିଟେଲରମାନଙ୍କ ଉପରେ ଚାପ ପକାଉଛନ୍ତି। ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ମୂଲ୍ୟ ବୃଦ୍ଧି ଘଟିଛି। ଆମେ ଆଉ କିରୋସିନ୍ ନେବୁ ନାହିଁ ବୋଲି ମଙ୍ଗଳା ସୋରେନ୍, କିଷାନ ସୋରେନ୍, ପୁରୁଷୋତ୍ତମ ସେଠୀ, ଅନାଦୀ ସେଠୀ ପ୍ରମୁଖ ବହୁ ହିତାଧିକାରୀ କହିଛନ୍ତି। ଏ ସମ୍ପର୍କରେ ବଡ଼ଚଣା ବ୍ଲକ ଯୋଗାଣ ଅଧିକାରୀ ବିଶ୍ୱଜିତ୍ ମିଶ୍ରଙ୍କୁ ପଚାରିବାରେ ସେ କୁହନ୍ତି, କିରୋସିନ୍‌ର ମୂଲ୍ୟ ସରକାର ସ୍ଥିର କରୁଛନ୍ତି। ସେହି ନିଷ୍ପତ୍ତି ଅନୁଯାୟୀ ଆମେ ବିକ୍ରି କରିବାକୁ ବାଧ। ଏଥିରେ ଆମର କିଛି କରିବାର କ୍ଷମତା ନାହିଁ।



ଗୋଦାମରେ ରହିଥିବା କିରୋସିନ ଭର୍ତ୍ତି ଡ୍ରମ୍।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୨ ଏପ୍ରିଲ, ୨୦୨୨



## ସଂକ୍ଷେପରେ

### ୧୨ ଫୁଟ୍‌ର ଅହିରାଜ ଉଦ୍ଧାର



ଭଞ୍ଜନଗର,୧୧।୪(ଡି.ଏନ.ଏ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ କଣ୍ଟେଇପଲ୍ଲୀରୁ ସୋମବାର ୧୨ ଫୁଟ ଲମ୍ବର ଏକ ଅହିରାଜକୁ ବନ କର୍ମଚାରୀ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ସାପଟି କଣ୍ଟେଇପଲ୍ଲୀ ପୋଖରୀ ନିକଟ ଏକ ଗଛରେ ଗୁଡ଼ାଇ ହୋଇଥିଲା। ସମ୍ପୃକ୍ତ ଅଞ୍ଚଳବାସୀ ଏହା ଦେଖିବା ପରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରାଙ୍କୁ ଖବର ଦେଇଥିଲେ । ବନ କର୍ମଚାରୀ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ।

### ମଥୁରାରେ ସ୍ୱଚ୍ଛ ଭାରତ ଅଭିଯାନ

ପୋଲସରା,୧୧।୪(ଡି.ଏନ.ଏ.): ପୋଲସରା ବ୍ଲକ୍ ଅନ୍ତର୍ଗତ ମଥୁରା ଗ୍ରାମପଞ୍ଚାୟତର ଦେଉଳ ବନ୍ଧରେ ସ୍ୱଚ୍ଛ ଭାରତ ଅଭିଯାନ ଓ ସ୍ୱଚ୍ଛତା ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପୋଲସରା ବିଡିଓ ସୁରଞ୍ଜନ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ବିକ୍ରମ କୁମାର ନାୟକ, ସମିତିସଭ୍ୟା ମିନତି ପାତ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ଗୌଡ, ଜିଆର୍‌ଏସ୍ ସୁଶାନ୍ତ ଦାସ, ଆଇନଜୀବୀ ପବିତ୍ର କୁମାର ନାୟକ, ପ୍ରଭାତ ସାସମଲ, ପ୍ରମୋଦ ପାତ୍ର, ଅରୁଣ ବେହେରା, ମଙ୍ଗୁଲୁ ସାହୁ, ସଞ୍ଜୟ ଗୌଡ ପ୍ରମୁଖ ଯୋଗଦେଇଥିଲେ। ବିଡିଓ ସାହୁ ଉପସ୍ଥିତ ଜନସାଧାରଣଙ୍କୁ ମଥୁରା ପଞ୍ଚାୟତର ସମସ୍ତ ପୋଖରୀ, ରାସ୍ତାଘାଟ ଓ ଘରପାଖ ପରିବେଶକୁ ସଫା ରଖିବାକୁ ପରାମର୍ଶ ଦେଇଥିଲେ।

### ଦଣ୍ଡନାଚ ବେଳେ ଘରୁ ଚୋରି

ଭଞ୍ଜନଗର,୧୧।୪(ଡି.ଏନ.ଏ): ଗାଲେରି ଫାଣ୍ଡି ଅନ୍ତର୍ଗତ ବିଲୁଆପଡ଼ା ଗ୍ରାମରେ ରବିବାର ରାତିରେ ଦଣ୍ଡନାଚ ଚାଲିଥିବା ବେଳେ ଟୁନା ଗୌଡ଼ଙ୍କ ଘରୁ ଚୋରି ହୋଇଛି। ଚୋରମାନେ ବାରିପଟ କବାଟ ଭାଙ୍ଗି ଘରେ ପଶିବା ସହ ଆଲମିରାରେ ଥିବା ସୁନା ଅଳଙ୍କାର ଓ ଟଙ୍କା ଚୋରାଇ ନେଇଥିଲେ। ନାଟକ ସରିବା ପରେ ଟୁନା ଘରକୁ ଫେରିବାରେ ଚୋରି ହୋଇଥିବା ଜାଣିଥିଲେ। ସେହିପରି ସ୍ଥାନୀୟ ବାଇପାସ ରୋଡ଼ରେ ମଧ ୩ଦିନ ପୂର୍ବେ ଲୁଟ୍ ହୋଇଛି। ଜଣେ ମହିଳା ଡୁଡୁଆ ମନ୍ଦିରରୁ ଦଣ୍ଡନାଚ ଦେଖି ରାତିରେ ବାଇପାସ୍ ରାସ୍ତାରେ ଫେରୁଥିବା ବେଳେ ଦୁର୍ବୃତ୍ତ ତାଙ୍କ ସୁନା ଚେନ୍ ଓ ମୋବାଇଲ ଫୋନ୍ ଲୁଟି ନେଇଥିଲେ । ଏ ନେଇ ଭଞ୍ଜନଗର ଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ଅଭିଯୁକ୍ତଙ୍କୁ କାବୁ କରିପାରିନାହିଁ।

### ପଞ୍ଚୁଦଣ୍ଡ ମହାମିଳନ

ବୁଗୁଡ଼ା,୧୧।୪(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମାଣିତରା ଗ୍ରାମର ବଡଦାଣ୍ଡରେ ପଞ୍ଚୁଦଣ୍ଡ ମହାମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଛାବାଡି, କାନନକୁଟିର, ଛାମୁଣ୍ଡା, ରାଉତି ଓ କାଦୁଆ ଆଦି ଗ୍ରାମର ଦଣ୍ଡ ଦଳ ଅଂଶଗ୍ରହଣ କରିଥିଲେ। ମାଣିତରା ଗ୍ରାମବାସୀଙ୍କ ସହଯୋଗରେ ଉକ୍ତ ଦଣ୍ଡଯାତ୍ରା ଆୟୋଜିତ ହୋଇଥିଲା ବେଳେ ଗ୍ରାମବାସୀମାନେ ସକାଳୁ ଫୁଲ ଚନ୍ଦନ ଦେଇ ଦଣ୍ଡ ଭୋକ୍ତାମାନଙ୍କୁ ସ୍ୱାଗତ କରିଥିଲେ। ମଧ୍ୟାହ୍ନରେ ଧୂଳି ଦଣ୍ଡ, ଅପରାହ୍ନରେ ପାଣି ଦଣ୍ଡ ପରେ ପଞ୍ଚା ରୁଦ୍ରକାଳୀ, ପଞ୍ଚା ମହାଦେବ ସହ ଅଗ୍ନି ଦଣ୍ଡର ମହାମିଳନରେ ଅଞ୍ଚଳ ମୁଖରିତ ହୋଇଥିଲା। ସନ୍ଧ୍ୟାରେ ଆଳତୀ, ରାତ୍ର ଅଗ୍ନିଦଣ୍ଡ, ପରଭା ନାଚ, ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କରୋନା ପାଇଁ ଦୁଇ ବର୍ଷ ହେଲା ଦଣ୍ଡଯାତ୍ରା ଫିକା ପଡିଥିଲା ବେଳେ ଚଳିତ ବର୍ଷ ସେପରି କଟକଣା ନଥିବା ସହ ଏହା ବୁଗୁଡ଼ା ଅଞ୍ଚଳର ପ୍ରଥମ ପଞ୍ଚୁଦଣ୍ଡ ମହାମିଳନ ହୋଇଥିବାରୁ ଏହାକୁ ଦେଖିବାକୁ ସହସ୍ର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା।

### ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ ଅଫିସ, ୧୧।୪: ଫୁଲବାଣୀ ଅବକାରୀ କର୍ମଚାରୀମାନେ ଏଫସିଆଇ ଛକ ନିକଟରେ ଚଢ଼ାଉ କରି ଏକ କାରରୁ ୩୪ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଛନ୍ତି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ପୁରୀ ଜିଲା ବଳଙ୍ଗା ଥାନା ରୁପାଦେଇପୁର ଗ୍ରାମର ସୁରେନ୍ଦ୍ର ରାଉତ। ଏକ କାର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଇନ୍‌ସପେକ୍ଟର ଶ୍ରୀଧର ହେମ୍ବ୍ରମ ଏଫସିଆଇ ଛକରେ ଚଢ଼ାଉ କରିଥିଲେ । ଏ ନେଇ ୨/୨୨ ରେ ଏକ ମାମଲା ରୁଜୁ ହୋଇଛି ।

# ଜିଆଇ ଟ୍ୟାଗ୍ ମାନ୍ୟତାକୁ କରାଗଲା ତ୍ୱରାନ୍ୱିତ

**ନୟାଗଡ଼ରେ ଛେନା ପୋଡ଼ ଦିବସ**

- ବିଶ୍ୱ ଦରବାରରେ ପରିଚୟ ପାଇଁ ସଂଗ୍ରାମ
- ସ୍ରଷ୍ଟା ସୁଦର୍ଶନଙ୍କ ଜୟନ୍ତୀରୁ ପାଳନ କରାଗଲା ଦିବସ

ନୟାଗଡ଼ ଅଫିସ,୧୧।୪

ନୟାଗଡ଼ ଛେନାପୋଡର ସ୍ରଷ୍ଟା ସୁଦର୍ଶନ ସାହୁଙ୍କ ୯୧ ତମ ଜନ୍ମ ବାର୍ଷିକ ଏପ୍ରିଲ ୧୧କୁ ଛେନାପୋଡ ଦିବସ ଭାବେ ଜିଲାରେ ପ୍ରଥମଥର ପାଇଁ ସୋମବାର ପାଳନ କରାଯାଇଛି। ଏ ଅବସରରେ ନୟାଗଡ଼ର ପୁରୁଣା ବସ୍‌ଷ୍ଟାଣ୍ଡରେ ସନ୍ଧ୍ୟାରେ ହେଲ୍ପିଙ୍ଗ ହ୍ୟାଣ୍ଡସ ନୟାଗଡ଼ ପରିବାର ପକ୍ଷରୁ ଛେନାପୋଡ ଦିବସ ପାଳନ କରାଯାଇଛି। ଏଠାରେ ୧୧ କେଜି ଓଜନର ଏକ ଛେନାପୋଡକୁ କଟାଯାଇ ସମସ୍ତଙ୍କ ଖାଇବାକୁ ଦିଆଯାଇ ନୂଆ ଦିବସର ସ୍ମୃତିକୁ ମନେ ରଖିବାକୁ ବ୍ୟବସ୍ଥା କରାଯାଇଥିଲା। ମାଛିପଡାର କାରିଗରମାନେ ଏଥିପାଇଁ ନିର୍ମାଣ କରିଥିଲେ ୧୧ କେଜି ଓଜନର ଏକ ଛେନାପୋଡ। ସମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଛେନାପୋଡ ଦିବସକୁ ଜିଲାପାଳ ପୋମା ଟୁଡୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ନିଜ ଭାଷଣରେ କହିଥିଲେ, ଛେନାପୋଡକୁ ଜିଓଗ୍ରାଫିକାଲ୍ ଇଣ୍ଡିକେଶନ(ଜିଆଇ) ଟ୍ୟାଗ ମାନ୍ୟତା ଦେବାକୁ ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ନିଆଯାଇଛି। କୋରନା ଯୋଗୁ ଚେନ୍ନାଇରୁ ଟିମ୍ ଆସି



ଅତିଥିଙ୍କ ଗହଣରେ ଜିଲାପାଳ ପୋମା ଟୁଡୁ ଛେନାପୋଡକୁ କାଟି ଦିବସକୁ ଉଦ୍‌ଘାଟନ କରୁଛନ୍ତି।

ପାରି ନ ଥିବାରୁ ଜିଆଇ ଟ୍ୟାଗ ମାନ୍ୟତା ମିଳିପାରିନାହିଁ। ଏହି ସଭା ପରେ ଦାବିକୁ ଅଧିକ ତ୍ୱରାନ୍ୱିତ କରାଯିବ। ସରକାରୀ ଭାବେ ଏହି ଦିବସକୁ ପାଳନ କରାଯିବାକୁ ପଦକ୍ଷେପ ନିଆଯିବାକୁ ଲକ୍ଷ୍ୟ ରହିଛି। ଆମର କେହି ପ୍ରତିଯୋଗୀ ନ ଥିବାରୁ ଜିଆଇ ଟ୍ୟାଗ ମାନ୍ୟତା ମିଳିବାରେ ପ୍ରତିବନ୍ଧକ ହେବ ନାହିଁ ବୋଲି କହିଛନ୍ତି।

ହେଲପିଙ୍ଗ ହାଣ୍ଡସର ନୟାଗଡ଼ ମୁଖ୍ୟ ବିଶ୍ୱଜିତ୍ ସାହୁ କହିଥିଲେ, ଛେନାପୋଡକୁ ଜିଆଇ ଟ୍ୟାଗ ମାନ୍ୟତା ଦେବା, ବିଶ୍ୱ ଦରବାରରେ ନୟାଗଡ଼ର ଛେନାପୋଡକୁ ପରିଚୟ ସୃଷ୍ଟି କରିବା ଓ ଏପ୍ରିଲ ୧୧କୁ ଛେନାପୋଡ ଦିବସ ଭାବେ ପାଳନ କରିବାକୁ ମାର୍ଚ୍ଚ ୨ରୁ ଆମେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲୁ। ଅପରପକ୍ଷେ ସୋସିଆଲ ମିଡିଆରେ ବିଶ୍ୱ ଛେନାପୋଡ ଦିବସ ପାଳନ ପାଇଁ କରାଯାଇଥିବା କ୍ୟାମ୍ପେନିଂ ମଧ ସଫଳ ହୋଇଛି। ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ଦାୟାଦ୍ ସୁମନ୍ତ ସାହୁ ଭାଷଣରେ କହିଥିଲେ, ବାପା ଛେନାପୋଡ ତିଆରି କରିବା ବେଳେ କ୍ୱାଲିଟିକୁ ଗୁରୁତ୍ୱ ଦେଉଥିଲେ। ଏବେ ଯେଉଁ ଛେନା ପୋଡ ପ୍ରସ୍ତୁତ କରାଯାଉଛି ସେଥିରେ କ୍ୱାଲିଟି ରଖାଯାଉ। ନୟାଗଡ଼ର ଯଶକୁ ବଜାୟ ରଖାଯାଉ। କିଛି ବ୍ୟବସାୟୀ ଅପମିଶ୍ରଣ କରି ପୋଡର ମାନ ଖରାପ କରୁଥିବାରୁ ନିନ୍ଦା ଶୁଣିବାକୁ ମିଳୁଛି। ଅନ୍ୟମାନଙ୍କ ମଧ୍ୟରେ ସମାଜିକ କର୍ମୀ ଦାମୋଦର ସାହୁ ଅତିଥି ରୂପେ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ଉତ୍ପଳ ସାହୁ କରିଥିଲେ। ଏ ଅବସରରେ ଛେନାପୋଡ ପ୍ରତିଯୋଗିତା ହୋଇଥିଲା। ୧୨ଜଣ ବ୍ୟବସାୟୀ ଏଥିରେ ଭାଗ ନେଇଥିଲେ। ନୟାଗଡ଼ ସାଉଥ୍ ଇଣ୍ଡିଆନର ମାଲିକ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରଥମ ଓ ମାଛିପଡାର ଧନେଶ୍ୱର ବେହେରା ୨ୟ ସ୍ଥାନ ଅଧିକାର କରି ସମ୍ବର୍ଦ୍ଧିତ ହୋଇଛନ୍ତି। ଛେନାପୋଡ ପ୍ରତିଯୋଗିତାରେ ବିଚାରକ ଭାବେ ସୁଦର୍ଶନଙ୍କ ବଡପୁଅ ସୁରେନ୍ଦ୍ର ଓ ସୁବ୍ରତ କୁମାର ନାୟକ ଯୋଗ ଦେଇଥିଲେ। ଏଥିରେ ତାନସେନ ସିଂଙ୍କ ସଙ୍ଗୀତ ଆସ କିଏ ଖାଇବ ହୋ ଆମ ରାଜା ବାବୁ ହର ଖାନା ପରିବେଷଣ କରାଯାଇଥିଲା। ଯେଉଁଥିରେ ନୟାଗଡ଼ ଛେନାପୋଡର ଟିପ୍ପଣୀ ରହିଛି। ଅନ୍ୟପକ୍ଷେ ଆମ ପାଇଁ ବଡ ଆମ ନୟାଗଡ଼ ପକ୍ଷରୁ ପୂର୍ବାହ୍ନରେ ଜୁମ୍ ଆପରେ ଅନୁରୂପ ଭାବେ ଛେନାପୋଡ ଦିବସ ପାଳନ କରାଯାଇଛି। ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ ନିଜ ସରକାରୀ ବାସଭବନରେ ଜୁମ୍ ଆପ ଜରିଆରେ ନୟାଗଡ଼ ଜିଲର ୩୬୦ରୁ ଉର୍ଦ୍ଧ୍ୱ ଜିଲାବାସୀଙ୍କୁ ଯୋଡି ଦିବସକୁ ପାଳନ କରିଥିଲେ। ଏଥିରେ ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ଶ୍ରୀକାନ୍ତ ଖଟେଇ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ସାନ ଝିଅ ସାନଭି ତେଜସ୍ୱିନୀଙ୍କ ଦ୍ୱାରା ଛେନାପୋଡକୁ କଟାଯାଇ ଦିବସର ଆରମ୍ଭ କରାଯାଇଛି। ଉଲ୍ଲେଖଥାଉକି ସୋମବାର ଜିଲା ସଦର ମହକୁମାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ, ଭାପୁର, ଫତେଗଡ, ଭୁବନେଶ୍ୱରର ପାହାଳ, ଦିଲ୍ଲୀ ପରି ସ୍ଥାନରେ ଛେନାପୋଡ ଦିବସ ପାଳନ କରାଯାଇଛି। ଛେନାପୋଡ ଦିବସକୁ ବିଶ୍ୱସ୍ତରୀୟ ଦିବସ ଭାବେ ପାଳନ କରିବାକୁ ଦାବି ଉଠିବା ସହ ଉଦ୍ୟମ ଆରମ୍ଭ ହୋଇଛି।

# ପ୍ରଭୁଙ୍କ ତାଡ଼କା ବଧ ବେଶ ଦର୍ଶନ କଲେ ଶ୍ରଦ୍ଧାଳୁ

**ଓଡ଼ଗାଁରେ ଶ୍ରୀରାମ ନବମୀ ଯାତ୍ରା**

ଓଡ଼ଗାଁ,୧୧।୪(ସ୍ୱ.ପ୍ର.)

ଓଡ଼ିଶାର ପ୍ରସିଦ୍ଧ ଶ୍ରୀରଘୁନାଥଜୀଉଙ୍କ ବିଜେସ୍ଥଳୀ ଓଡ଼ଗାଁ ଉତ୍ସବ ମୁଖର ହୋଇ ଉଠିଛି। ସୋମବାର ସନ୍ଧ୍ୟାରେ ୧୦ଦିନ ବ୍ୟାପୀ ଶ୍ରୀରାମ ନବମୀ ଯାତ୍ରାର ଦ୍ୱିତୀୟ ଦିନରେ ପ୍ରଭୁଙ୍କ ତାଡକା ବଧ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ମୁନି ଋଷିମାନଙ୍କ ଯଜ୍ଞାଦି କର୍ମକୁ ସୁରକ୍ଷା ଦେବା ଲାଗି ଆଗେଇ ଆସିଛନ୍ତି। ରାକ୍ଷସଙ୍କ ଅତ୍ୟାଚାର, ଦମନ ଲୀଳାରେ ଅତିଷ୍ଠ ହୋଇ ଋଷି ବିଶ୍ୱାମିତ୍ରଙ୍କ ଅନୁରୋଧକ୍ରମେ ରାଜା ଦଶରଥ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଋଷିଙ୍କ ସହିତ ବନକୁ ପଠାଇଛନ୍ତି। ପ୍ରଭୁ ଶ୍ରୀରାମ ମାୟାବିନୀ ତାଡକାକୁ ତୀର ନିକ୍ଷେପ କରୁଥିବା ବେଳେ ଭକ୍ତଙ୍କୁ ଦୃଶ୍ୟମାନ ହୋଇଛି। ଏସବୁ ପୁରାଣ ବର୍ଣ୍ଣିତ ଦୃଶ୍ୟକୁ ପ୍ରଭୁଙ୍କ ରତ୍ନ ସିଂହାସନ ନିକଟରେ ହିଁ ମାୟାବିନୀ ତାଡକା ଶୂନ୍ୟରେ



ଶ୍ରୀରଘୁନାଥ ଜୀଉଙ୍କ ତାଡକା ଅସୁରୁଣୀଙ୍କୁ ବଧ କରିବା ବେଶରେ ସୁସଜ୍ଜିତ।

ରହି ପ୍ରଭୁଙ୍କୁ ଭ୍ରମରେ ପକାଉଥିବା ଭଳି ଜଣାଯାଉଥିଲା। ପ୍ରଭୁ ଅସୂୟା ଶକ୍ତିଙ୍କୁ ସଂହାର କରିବା ସହ ସତ୍ୟର ସ୍ଥାପନା ନିମନ୍ତେ ମାନବ ସମାଜକୁ ପ୍ରେରଣା ଦେଇଛନ୍ତି। ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁମାନେ ଶ୍ରୀଜିଉଙ୍କୁ ଭୋର ସମୟରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଏବଂ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବେଶ ଦର୍ଶନ କରୁଛନ୍ତି। ଶ୍ରୀଜୀଉଙ୍କ ଦୈନିକ ସନ୍ଧ୍ୟାବେଶ ନିମନ୍ତେ ପୂଜକ ଓ ସେବକ ପରିଷଦର ଯୁବ ସଦସ୍ୟମାନେ ପ୍ରଭୁଙ୍କୁ ବେଶ ଆକୃଷ୍ଟ କରୁଛି। ପାଳିଆ ପଣ୍ଡା ପ୍ରଦୀପ ବାହିନୀପତିଙ୍କ ସହ ଦାଶ ବଂଶର ସଦସ୍ୟମାନେ ଶ୍ରୀଜୀଉଙ୍କୁ ଶ୍ରଦ୍ଧା ଓ ନିଷ୍ଠାର ସହିତ ବେଶ କରିଥିଲେ। ଏହାସହ ଯାତ୍ରାବେଶକ୍ରମ ଅନୁସାରେ ମଙ୍ଗଳବାର ଅହଲ୍ୟା ଉଦ୍ଧାରଣ ବେଶ ଅନୁଷ୍ଠିତ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଯାତ୍ରା ସନ୍ଧ୍ୟାରେ ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିବାକୁ ପୋଲିସ ସହିତ ଶାନ୍ତି କମିଟି ଉପସ୍ଥିତ ରହୁଥିବା ଜଣାଯାଇଛି।

# ୭ମ ଦିନରେ ପହଞ୍ଚିଲା ଆନ୍ଦୋଳନ



ଆନ୍ଦୋଳନରତ ବୁଗୁଡ଼ା କଲୋନୀବାସୀ।

**ଖୋର୍ଦ୍ଧା -ବଲାଙ୍ଗୀର ରେଳ ପ୍ରକଳ୍ପକୁ ବିରୋଧ**

ଦଶପଲ୍ଲା,୧୧।୪ (ଡି.ଏନ.ଏ.)

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପକୁ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଥିବା ଦଶପଲ୍ଲା ବ୍ଲକ ବୁଗୁଡ଼ା କଲୋନୀର କ୍ଷତିଗ୍ରସ୍ତ ପରିବାରଙ୍କ ଆନ୍ଦୋଳନ ୭ମ ଦିନରେ ପହଞ୍ଚିଛି। ଗତ ୫ ତାରିଖଠାରୁ ନିଜର ହକ୍ ଦାବି କରି ଏସବୁ ପରିବାର ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ଅକ୍ତିଆରରେ ଥିବା ଚାଷ ଜମି ଚତୁଃପାର୍ଶ୍ୱକୁ ନାଲି କନା ମାରି ଘେରି ରଖିଛନ୍ତି। ସୋମବାର ଆନ୍ଦୋଳନକୁ ସମର୍ଥନ କରି ଟାକରା ପଞ୍ଚାୟତର ସରପଞ୍ଚ ମଦନ କୁମାର ଜାନୀ, ସମିତିସଭ୍ୟ ପ୍ରଶାନ୍ତ କୁମାର ଦଳବେହେରା ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ନେତା ଉପେନ୍ଦ୍ର କୁମାର ସାହୁ ଯୋଗଦେଇ ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିଥିଲେ। ଏପଟେ ଆଦିବାସୀମାନେ ମୁଠି ଚାଉଳ ସଂଗ୍ରହ କରି, ଧାରଣାସ୍ଥଳରେ ରୋଷେଇ କରି, ହାତରେ ଧନୁତୀର ସହ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ଦିନତମାମ୍ ଧାରଣାରେ ବସି ରହୁଛନ୍ତି। କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅଧିକାର କରି ଆସୁଥିବା ଚାଷ ଜମିକୁ କୌଣସି ପରିସ୍ଥିତିରେ ଛାଡ଼ି ଦିଆଯିବ ନାହିଁ ବୋଲି ଆନ୍ଦୋଳନକାରୀମାନେ ଚରମ ଚେତାବନୀ ଶୁଣାଇଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଦାବି ହେଉଛି।

# କାରିଗରଙ୍କ ଏକ ପ୍ରତିନିଧି ଦଳ ସଚିବଙ୍କୁ ସାକ୍ଷାତ

ଖଣ୍ଡପଡ଼ା,୧୧।୪(ସ୍ୱ.ପ୍ର.)

କେନ୍ଦ୍ର ସରକାରରେ ସୂକ୍ଷ୍ମ, ଲଘୁ ଓ ମଧମ ଉଦ୍ୟୋଗ ବିଭାଗର କ୍ୟାବିନେଟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରାଘବ ଦାସ କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ମନ୍ଦିରକୁ ପରିବାର ସହ ଦର୍ଶନରେ ଆସିଥିଲେ। ଏହି ଅବସରରେ କଣ୍ଟିଲୋ ଓ ଖଳିସାହି ଅଞ୍ଚଳର କଂସା, ପିତ୍ତଳ, ସୁନା ଓ ରୁପା କାରିଗରି କ୍ଷେତ୍ରରେ କାମ କରୁଥିବା କାରିଗରମାନଙ୍କ ଏକ ପ୍ରତିନିଧି ମଣ୍ଡଳୀ ତାଙ୍କୁ ସୌଜନ୍ୟମୂଳକ ଭାବେ ସାକ୍ଷାତ କରିଥିଲେ। ସାମାଜିକ କର୍ମୀ ଅଭିଳାଷ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସାକ୍ଷାତକାରରେ ସ୍ଥାନୀୟ କାରିଗରମାନେ ନିଜ ଅସୁବିଧା ବିଷୟରେ ଦାଶଙ୍କୁ ଅବଗତ କରାଇଥିଲେ। ଦାସ



କଂସା, ପିତ୍ତଳ, ସୁନା ଓ ରୁପା କାରିଗରମାନେ ସଚିବ ରାଘବ ଦାସଙ୍କୁ ଭେଟି ନିଜର ଦାବି ଉପସ୍ଥାପିତ କରୁଛନ୍ତି।

କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରୁ କିଭଳି ଭାବେ ଅଞ୍ଚଳର କାରିଗରମାନେ ଲାଭ ଉଠେଇ ପାରିବେ ସେନେଇ ସର୍ବିଶେଷ ବିବରଣୀ ଦେଇଥିଲେ। ପ୍ରତିନିଧି ମଣ୍ଡଳୀରେ ପ୍ରମୁଖ ଭାବେ ଡ. ହରିହର ଦାଶ, ଶରତ ମହାରଣା, ପବିତ୍ର ମହାରଣା, ପ୍ରଦୀପ୍ତ କୁମାର ମହାପାତ୍ର, ପ୍ରତାପ ସାହୁ ଆଦି ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଯୋଜନାର ସୁଫଳ କେଉଁଭଳି ଭାବେ ସ୍ଥାନୀୟ ଅଞ୍ଚଳରେ କାରିଗରମାନେ ନେଇ ପାରିବେ ସେ ନେଇ ଆଜି ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ ହୋଇଥିଲା।

# ନବ ନିର୍ବାଚିତ ଜନ ପ୍ରତିନିଧି ସମ୍ବର୍ଦ୍ଧିତ

ଖଣ୍ଡପଡ଼ା,୧୧।୪ (ସ୍ୱ.ପ୍ର.)

ଖଣ୍ଡପଡ଼ା ସହରାଞ୍ଚଳର ଏକ ମଣ୍ଡପରେ ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମ୍ ପକ୍ଷରୁ ନବ ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ରବିବାର ଅପରାହ୍ନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଅଖିଳ କୁମାର ମହାରଣା ଅଧ୍ୟକ୍ଷତା କରିଥିଲେ। ଉପସଭାପତି ପ୍ରଭାକର ଶିରୋମଣୀ ସ୍ୱାଗତ ଭାଷଣ ଦେବା ପରେ ଖଣ୍ଡପଡ଼ା ଏନ୍‌ଏସିର ପୌରାଧ୍ୟକ୍ଷଙ୍କ ପ୍ରତିନିଧି ବିଧାନ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ମିହିର କୁମାର ମିଶ୍ର, ୬ନଂ. ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣାଙ୍କ ସମେତ ସହରାଞ୍ଚଳର ସମସ୍ତ ୧୨ଜଣ ପରିଷଦଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକ ଫୋରମ୍‌ର ଉପଦେଷ୍ଟା ତଥା ଆଇନଜୀବୀ ବାସୁଦେବ ରଥ, ଶିଶୁ କବି କାଶୀନାଥ ଦାସ, ପୂର୍ବତନ ନଗରପାଳ କିଶୋର ଚନ୍ଦ୍ର ଦାଶ, ଉପସଭାପତି ବିନାୟକଙ୍କ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସମ୍ପାଦକ ଲକ୍ଷ୍ମୀଧର ସିଂହ ଧନ୍ୟବାଦ ଦେଇଥିଲେ।

# କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ପକ୍ଷ

ଖଣ୍ଡପଡ଼ା,୧୧।୪(ସ୍ୱ.ପ୍ର.)

ଚଳିତ ଏପ୍ରିଲ ୧ ତାରିଖଠାରୁ ୧୫ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ କଣ୍ଟିଲୋ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୋମବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏଲୋରା ଦାସ ଅଧ୍ୟକ୍ଷତା କରିଥିବାବେଳେ ଫାର୍ମାସିଷ୍ଟ ମାନସ କୁମାର ସାହୁ ଏହାକୁ ପରିଚାଳନା କରିଥିଲେ। ଡାକ୍ତର ଦାସ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନୀଳମାଧବ ନୋଡ଼ାଲ ବିଦ୍ୟାପୀଠର ଛାତ୍ରୀଛାତ୍ରମାନଙ୍କୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷକରି ପରିବେଶକୁ କିପରି ସୁସ୍ଥ ଓ ସୁରକ୍ଷା ରଖାଯିବ ପିଲାମାନଙ୍କୁ ପରାମର୍ଶ ଦିଆଯାଇଥିଲା।



ସ୍ୱାସ୍ଥ୍ୟକର୍ମୀ ଓ ଅନ୍ୟମାନଙ୍କୁ ନେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି।

# ପରିତ୍ୟକ୍ତ ଚନ୍ଦନ ପୋଖରୀ ଦଳ ହେଲା ସଫା

**ଠାକୁରଙ୍କ ଚନ୍ଦନ ଯାତ୍ରା ହେବା ଆଶା ଉଜ୍ଜ୍ୱଳ**

ଖଣ୍ଡପଡ଼ା,୧୧।୪ (ସ୍ୱ.ପ୍ର.)

ଦୀର୍ଘବର୍ଷରୁ କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ଜୀଉ ବିଜେ ଚନ୍ଦନ ପୁଷ୍କରିଣୀ ପରିତ୍ୟକ୍ତ ତଥା ଜଳପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବାରୁ ଠାକୁରଙ୍କ ପବିତ୍ର ତଥା ପାରମ୍ପରିକ ଚନ୍ଦନ ଯାତ୍ରା ବନ୍ଦ ରହିଛି। ଏବେ ଏହି ପୋଖରୀର ଦଳ ସଫା ସହ ପରିଷ୍କାର କରାଯାଉଛି। ଫଳରେ ଠାକୁରଙ୍କ ଚନ୍ଦନ ଯାତ୍ରା ହେବା ନେଇ ଆଶା ଉଜ୍ଜଳ ହୋଇଛି।

ପରିତ୍ୟକ୍ତ ଚନ୍ଦନ ପୋଖରୀର ପଙ୍କ ଉଦ୍ଧାର ସହ ପୁନରୁଦ୍ଧାର ପାଇଁ ନୀଳମାଧବ ପୂଜକ ସମାଜ, କଣ୍ଟିଲୋ ପଞ୍ଚାୟତବାସୀଙ୍କ ସମେତ ନାଗରିକ ମଞ୍ଚ ପକ୍ଷରୁ ବିଭାଗୀୟ, କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନଙ୍କୁ ବାରମ୍ବାର ଦାବି କରାଯାଇଥିଲା। ମାତ୍ର କୌଣସି ସୁଫଳ ମିଳି ନ ଥିଲା ତେବେ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ୧୯୬୯ ବ୍ୟାଚ୍‌ର ୬ଜଣ ପୁରାତନ ସହପାଠୀ ନିଜସ୍ୱ ଅର୍ଥରେ ସଚ୍ଚିଦାନନ୍ଦ ଦାଶଙ୍କ ନେତୃତ୍ୱରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଦୀର୍ଘ ୨ ମାସରୁ ଉର୍ଦ୍ଧ୍ୱ ସମୟ ଧରି ପରିତ୍ୟକ୍ତ ପୋଖରୀର



ପରିତ୍ୟକ୍ତ ଅବସ୍ଥାରେ ଥିବା ଠାକୁରଙ୍କ ଚନ୍ଦନ ପୋଖରୀ।

ପୁନରୁଦ୍ଧାର କାର୍ଯ୍ୟ କରିଥିବା ବେଳେ ବିଭିନ୍ନ କାରଣରୁ କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା। ପରବର୍ତ୍ତୀ ସମୟରେ ପୋଖରୀରେ ଦଳ ପୂର୍ଣ୍ଣ ହୋଇ ଏକ ପଡ଼ିଆର ଭ୍ରମ ସୃଷ୍ଟି କରିଥିଲା। ଏହି ପୋଖରୀର ଦୁରାବସ୍ଥା ଯୋଗୁଁ ଠାକୁରଙ୍କ ଚନ୍ଦନଯାତ୍ରୀ ଦୀର୍ଘବର୍ଷରୁ ବନ୍ଦ ରହିଥିବାରୁ ଶ୍ରଦ୍ଧାଳୁ, ନୀଳମାଧବ ପ୍ରେମୀ ଭକ୍ତ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଅଞ୍ଚଳବାସୀଙ୍କ ଭାବଗତାକୁ ଉପଲବ୍ଧ କରି ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଚେଷ୍ଟା କ୍ରମେ ନୟାଗଡ଼ ଡ୍ରେନେଜ ବିଭାଗ ପକ୍ଷରୁ ପରିତ୍ୟକ୍ତ ପୋଖରୀର ଦଳ ସଫା କାର୍ଯ୍ୟ ସମ୍ପ୍ରତି ଆରମ୍ଭ ହୋଇଛି। ଏହାକୁ ନେଇ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ଅପରପକ୍ଷରେ ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରା ଚଳିତ ବର୍ଷ ଅନୁଷ୍ଠିତ ହେବାର ଆଶା ଉଜ୍ଜ୍ୱଳ ହୋଇଛି। ତେବେ ଦୂଷିତ ପୋଖରୀରେ ଭଲ ପାଣି ପୂରା ନ ଗଲେ ଠାକୁର ଚାପକୁ ବିଜେ ହେବେ ନାହିଁ ବୋଲି ନୀଳମାଧବ ପୂଜକ ସମାଜରେ ନିଷ୍ପତ୍ତି ନିଆଯାଇଥିବା ଅନୁଷ୍ଠାନର ସଭାପତି ନିହାର ରଞ୍ଜନ ମିଶ୍ର କହିଛନ୍ତି। ଅପରପକ୍ଷରେ ପରିତ୍ୟକ୍ତ ଦୂଷିତ ତଥା ବିଷାକ୍ତ ପୋଖରୀରର ଜଳର ନିଷ୍କାସନ କରି ନୂତନ ଜଳ ଭରି କରାଗଲେ ପୋଖରୀର ପବିତ୍ରତା ରହିବା ସହ ଶ୍ରୀଜୀଉମାନେ ଚାପକୁ ଆଧ୍ୟାତ୍ମିକ ପରିବେଶରେ ବିଜେ ହୁଅନ୍ତେ ବୋଲି କଣ୍ଟିଲୋର ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ ପ୍ରକାଶ କରିଛନ୍ତି।